RNI No.ODIODI/2010/33031
୧୦ମ ବର୍ଷ | Volume- 10
ସଂଖ୍ୟା- ୮୬ | Issue- 86
ଭୁବନେଶ୍ୱର, ରବିବାର ୦୯ ଜୁନ୍ ୨୦୧୯
Bhubaneswar, Sunday 09 June 2019
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ରାଞ୍ଚିରେ ଜୁନ୍ ୨୧ ଆନ୍ତର୍ଜାତିକ ଯୋଗ ଦିବସ ପାଳିବେ ମୋଦି

# କେରଳ ଛୁଇଁଲା ମୌସୁମୀ



ସପ୍ତାହେ ଭିତରେ ଆସିବ ଓଡ଼ିଶା

ନୂଆଦିଲ୍ଲୀ, ୮।୬: ପ୍ରାୟ ଏକ ସପ୍ତାହ ବିଳମ୍ବିତ ହେବା ପରେ ଆଜି ମୌସୁମୀ କେରଳ ଉପକୂଳ ଛୁଇଁଛି। ଏଥିସହ ଭାରତରେ ଆରମ୍ଭ ହୋଇଛି ବର୍ଷାଋତୁ। ଭାରତୀୟ ପାଣିପାଗ ବିଭାଗର ନିଯୁକ୍ତ ଘୋଷିତ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଶନିବାର ସୂଚନା ଦେଇଛନ୍ତି କି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳରେ ସକ୍ରିୟ ହୋଇଛି। ଏହାର ପ୍ରଭାବରେ କେରଳର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି।

ସାଧାରଣତଃ ଜୁନ୍ ପହିଲା ବେଳକୁ କେରଳ ଛୁଉଁଥିବା ମୌସୁମୀ ଏଥର ୮ ଦିନ ବିଳମ୍ବରେ ଭାରତ ଭୂଖଣ୍ଡରେ ପହଞ୍ଚିଛି। ଏହାର ପ୍ରଭାବରେ ଆସନ୍ତା ୧୦ ତାରିଖ ଯାଏଁ କେରଳ ଓ କର୍ଣ୍ଣାଟକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ।

ପାଣିପାଗ ବିଭାଗ ଆହୁରି ପୂର୍ବାନୁମାନ କରିଛି ଯେ, ଜୁନ୍ ୯ ବେଳକୁ କେରଳ ଓ କର୍ଣ୍ଣାଟକ ଉପକୂଳ ଆରବ ସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବ। ଯାହା କି ମୌସୁମୀକୁ ଅଧିକ ସକ୍ରିୟ କରିବା ସହ ଉତ୍ତର ଓ ଉତ୍ତର ପଶ୍ଚିମ ଦିଗକୁ ଅଗ୍ରସର ହେବ। ଏହି ସମୟ ମଧ୍ୟରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବ। ପ୍ରଭାବରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ବଙ୍ଗୋପସାଗର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ପଶ୍ଚିମବଙ୍ଗ ଓ ଓଡ଼ିଶାର ଅଧିକାଂଶ ସ୍ଥାନରେ ଆସନ୍ତା ଦୁଇ ଦିନ ଧରି ପ୍ରବଳ ବର୍ଷା ହେବ। ଉପକୂଳରେ ଘଣ୍ଟା ପ୍ରତି ୩୫ରୁ ୪୦ କିମି ପବନ ବହିପାରେ। ତେବେ ପଶ୍ଚିମ ଭାରତରେ କିନ୍ତୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ୧୦ ତାରିଖ ଯାଏଁ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ବିଦର୍ଭରେ ତାପମାତ୍ରା ୪୫° ଉପରେ ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

# ମୋଦି ଦେଶରେ ବିଷ ଖେଳାଉଛନ୍ତି: ରାହୁଲ



ୱାୟାନାଡ଼, ୮।୬: ନିଜ ସଂସଦୀୟ କ୍ଷେତ୍ର ୱାୟନାଡ ଗସ୍ତରେ ଯାଇଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶନିବାର ଏଠାରେ ଆୟୋଜିତ ଏକ ରୋଡ ଶୋରେ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ କହିଛନ୍ତି ଯେ ରାଷ୍ଟ୍ରୀୟ ସ୍ତରରେ ସେ ବିଷ ସହ ଲଢୁଛନ୍ତି। ଯେଉଁ ବିଷ ପ୍ରଧାନମନ୍ତ୍ରୀ ମୋଦି ପ୍ରୟୋଗ କରୁଛନ୍ତି। ମୋଦୀ ଦେଶକୁ ଭାଗ ଭାଗ କରିବା ପାଇଁ ଘୃଣାର ବିଷ ଖେଳାଉଛନ୍ତି। ମୋଦି ହିଂସା ଓ ଘୃଣାର ବିଷ ପ୍ରୟୋଗ କରି ନିର୍ବାଚନ ଜିତିବା ପାଇଁ ମିଛର ସାହାରା ନେଉଛନ୍ତି। ରାହୁଲ କହିଛନ୍ତି ଯେ କେବଳ ୱାୟନାଡାର ସାଂସଦ ଭାବେ ନୁହଁ ବରଂ ସଂସଦରେ କେରଳର ଅସୁବିଧା ବାବଦରେ ପ୍ରସଙ୍ଗ ଉଠାଇବେ। ରାହୁଲ କହିଛନ୍ତି ଯେ ୱାୟନାଡର ଯେ କୌଣସି ବ୍ୟକ୍ତି ଯେଉଁ ବିଚାରଧାରାରେ ଆସନ୍ତୁ ନା କାହିଁକି ସେ ସମସ୍ତଙ୍କ ପାଇଁ କାମ କରିବେ। ଏଠାରେ ସୂଚନା ଥାଉ କି ତିନିଦିନିଆ ୱାୟନାଡ ଗସ୍ତରେ ରାହୁଲ ଯାଇଛନ୍ତି। ଶୁକ୍ରବାର ରାହୁଲ ଏକ ରୋଡ ଶୋରେ ଭାଗ ନେଇଥିଲେ। ତାଙ୍କୁ ଦେଖିବାକୁ ବହୁ ସଂଖ୍ୟାରେ ଲୋକଙ୍କର ଗହଳି ଦେଖିବାକୁ ମିଳିଥିଲା। ରାହୁଲ ୨୦୧୯ ଲୋକସଭା ନିର୍ବାଚନ ଆମେଥି ଓ ୱାୟନାଡରୁ ଲଢ଼ିଥିଲେ। ତେବେ ଅମେଥିର ବିଜେପି ନେତ୍ରୀ ସ୍ମୃତି ଇରାନୀ ରାହୁଲଙ୍କୁ ପରାସ୍ତ କରିଥିଲେ।

## ଆଜି ଭାରତ ଓ ଅଷ୍ଟ୍ରେଲିଆ ମୁକାବିଲା

ଲଣ୍ଡନ, ୮।୬: ଆଜି ଆଇସିସି କ୍ରିକେଟ ବିଶ୍ୱକପ୍ ୨୦୧୯ରେ ହେବ ବିଗ୍ ଫାଇଟ୍। ବିରାଟ ବାହିନୀ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଭେଟିବାକୁ ଯାଉଛି କଙ୍ଗାରୁ ଦଳକୁ।




ଲଣ୍ଡନର କେନିଙ୍ଗଟନ୍ ଓଭାଲ ଷ୍ଟାଡିୟମ୍‌ରେ ରବିବାର ଅପରାହ୍ନ ୩ଟାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏହି ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବ। ଚଳିତ ବିଶ୍ୱକପ୍‌ରେ ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆ ୨ଟି ମ୍ୟାଚ୍ ଖେଳିଥିବା ବେଳେ ୨ଟି ଜାକରେ ବିଜୟୀ ହୋଇଛି। ସେହିଭଳି ଭାରତ ମଧ୍ୟ ସାଉଥ୍ ଆଫ୍ରିକା ବିରୋଧରେ ଗୋଟିଏ ମ୍ୟାଚ୍ ଖେଳି ବିଜୟୀ ହୋଇଛି।

## ହାତୁଡିରେ ପିଟି ପତ୍ନୀଙ୍କୁ ହତ୍ୟା



ଗଞ୍ଜାମ, ୮।୬ (ନି.ପ୍ର.): ଗତକାଲି ରାତିରେ ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଜନୈକ ସ୍ୱାମୀ ଅତ୍ୟନ୍ତ ବର୍ବରତାର ସହିତ ହାତୁଡିରେ ନିଜ ପତ୍ନୀଙ୍କ ମୁଣ୍ଡକୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ଆସିଛି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ପିଙ୍କି ସ୍ୱାଇଁ (୨୨)ଙ୍କ ମୁଣ୍ଡକୁ ଅତ୍ୟନ୍ତ ନିର୍ମମ ଭାବେ ହାତୁଡିରେ ପିଟି ତାଙ୍କ ସ୍ୱାମୀ ଫିରୋଜ ସ୍ୱାଇଁ ହତ୍ୟା କରିଛନ୍ତି। ମୃତ ପିଙ୍କି ପିତା ନରି ସ୍ୱାଇଁ ଏ ନେଇ ଥାନାରେ ଦାୟର କରିଥିବା ଲିଖିତ ଅଭିଯୋଗକୁ ଭିତ୍ତିକରି ଶେରଗଡ଼ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ମାମଲାରେ ସ୍ୱାମୀ ଫିରୋଜଙ୍କୁ ଅଟକ ରଖି ପୋଲିସ୍ ପଚରା ଉଚରା ଚଳାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ପ୍ରାୟ ବର୍ଷକ ତଳେ ପିଙ୍କିଙ୍କ ସହିତ ଫିରୋଜଙ୍କ ବୈଦିକ ରୀତି ମତେ ବିବାହ ଅନୁଷ୍ଠିତ ହୋଇଥିଲା।

## ମାଳଦ୍ୱୀପରେ ପ୍ରଧାନମନ୍ତ୍ରୀ | ପାଇବେ ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ, ୮।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନିଜର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବିଦେଶଗସ୍ତରେ ମାଳଦ୍ୱୀପ ଯାଉଛନ୍ତି। ତାଙ୍କ ଯାତ୍ରା ପୂର୍ବରୁ ମାଳଦ୍ୱୀପର ବୈଦେଶିକ ମନ୍ତ୍ରୀ ଅବଦ୍ଧୁଲା ସାହିଦ ଟୁଇଟରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଉଥିବା ଗୋଷଣା କରିଛନ୍ତି। ଶନିବାର ମୋଦିଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଉଥିବା ଘୋଷଣା କରିଛନ୍ତି। ଶନିବାର ମୋଦିଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ନିଶାନ ଇଜୁଦ୍ଦିନ'ରେ ସମ୍ମାନିତ କରାଯିବ। ଏହି ସମ୍ମାନ ବିଦେଶୀ ଗଣମାନ୍ୟ ବ୍ୟକ୍ତିଙ୍କୁ ଦିଆ ଯାଉଥିବ ସର୍ବୋଚ୍ଚ ସମ୍ମାନ ଅଟେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ସମ୍ମାନ ଦେବାର ନିଷ୍ପତି ମାଳଦ୍ୱୀପର ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହ ନେଇଥିବା ଜଣାପଡିଛି। ଶନିବାର ପ୍ରଧାନମନ୍ତ୍ରୀ ଦୁଇଦିନିଆଗସ୍ତ କରି ମାଳଦ୍ୱୀପ ପହଂଚିଛନ୍ତି। ତାଙ୍କୁ ଶନିବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଦେଶର ସର୍ବୋଚ୍ଚ ନାଗରିକ



ସମ୍ମାନ 'ନିଶାନ ଇଜୁଦ୍ଦିନ'ରେ ସମ୍ମାନିତ କରାଯିବ। ମୋଦିଙ୍କ ନେତୃତ୍ୱରେ ଭାରତ ଓ ମାଳଦ୍ୱୀପ ମଧ୍ୟରେ ବନ୍ଧୁତା ଦୃଢ଼ ହୋଇଥିବା କାରଣରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ସାଉଦି ଆରବ ଓ ରୁଷରେ ସର୍ବୋଚ୍ଚ ନାଗିରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ହାତୀ ଛୁଆର ମୃତଦେହ ଉଦ୍ଧାର

ଝାରସୁଗୁଡ଼ା, ୮।୬ (ନି.ପ୍ର.): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ କୁସମେଲ ଗ୍ରାମରୁ ଆଜି ଏକ ହାତୀ ଛୁଆର ମୃତଦେହ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଲଖନପୁର ବ୍ଲକ ବାଦୀମାଲ ପଂଚାୟତ ଅନ୍ତର୍ଗତ କୁସମେଲ ଗ୍ରାମର କିଛି ଲୋକ ନଦୀ ପଠା ଆଡକୁ ବୁଲି ଯାଇଥିବା ବେଳେ ସେଠାରେ ଏକ ହାତୀ ଛୁଆର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ସମ୍ପର୍କରେ ତୁରନ୍ତ କନକତୋରା ଜଙ୍ଗଲ ବିଭାଗର ଅଧିକାରୀଙ୍କୁ ଖବର ଦେଇଥିଲେ । ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ଛୁଆ ହାତୀଟିର ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ।

## ଦେଶରେ ପ୍ରଥମ: ୫ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦେଲେ ଜଗନମୋହନ ରେଡ୍ଡି

ଅମରାବତୀ, ୮।୬: ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡି ଆଜି ନିଜର ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରିଛନ୍ତି। ୫ ଜଣ ଉପ ମୁଖ୍ୟମନ୍ତ୍ରୀଙ୍କ ସମେତ ୨୫ ସଦସ୍ୟ ବିଶିଷ୍ଟ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଆଜି ପୂର୍ବାହ୍ନ ୧୧ଟା ୪୯ ମିନିଟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଇଏଲ ନରସିଂହନ୍ ମନ୍ତ୍ରୀମାନଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ଜଗନଙ୍କ ମନ୍ତ୍ରିମଣ୍ଡଳରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ, ସଂଖ୍ୟାଲଘୁ ଏବଂ କାପୁ ସଂପ୍ରଦାୟରୁ ଜଣେ ଲେଖାଏଁ ଉପ ମୁଖ୍ୟମନ୍ତ୍ରୀ ନିଯୁକ୍ତି ହୋଇଥିବା ଜଣାଯାଇଛି। ଗତକାଲି ୱାଇଏସଆର କଂଗ୍ରେସ ବିଧାୟକ ଦଳ ବୈଠକରେ ଏଭଳି ନିଷ୍ପତି ନିଆଯାଇଥିଲା। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡି ଆଜି ସକାଳ ୮ଟା ୩୯ ମିନିଟରେ ଶୁଭବେଳାରେ ନିଜର ପ୍ରକୋଷ୍ଠରେ ପ୍ରବେଶ କରିଥିଲେ। ସେ ୮ ଟା ୫୦ ମିନିଟ୍ ସମୟରେ ପ୍ରଥମ ଫାଇଲରେ ଦସ୍ତଖତ କରିଥିଲେ। ଜଗନ ଗତକାଲି କହିଥିଲେ ଯେ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ବିଧାୟକମାନେ ନିଷ୍ଠା ଓ ସତର୍କତାର ସହ କାମ କରିବା ଜରୁରୀ। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମୋଟ ୧୭୫ ଆସନରୁ ଜଗନଙ୍କ ଦଳ ୧୫୧ ଆସନରେ ବିଜୟୀ ହୋଇଛି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପିକୁ ମାତ୍ର ୨୩ ଆସନ ମିଳିଛି।



ଦେଶରେ ପ୍ରଥମ

## ଉଡାଣ ସମୟରେ ଖସିପଡିଲା ମିଗ୍-୨୯ ଇନ୍ଧନ ଟାଙ୍କି
## ବିମାନବନ୍ଦରରେ ନିଆଁ, ବିମାନ ଚଳାଚଳ ବନ୍ଦ

ପଣାଜୀ, ୮।୬: ଗୋଆରେ ଭାରତୀୟ ବାୟୁସେନାର ଫାଇଟର ପ୍ଲେନ ମିଗ୍-୨୯ ଉଡାଣ ଭରୁଥିବା ସମୟରେ ଏହାର ବାହାର ପାଖ ଇନ୍ଧନ ଟାଙ୍କି ବିମାନବନ୍ଦରରେ ଖସିପଡିଥିଲା। ଫଳରେ ବିମାନବନ୍ଦରରେ ଟାଙ୍କି ପଡିଥିବା ସ୍ଥାନଟି ହୁତୁହୁତୁ ହୋଇ ଜଳିଥିଲା। ତେବେ ଏଭଳି ସାଂଘାତିକ ସ୍ଥିତି ଦେଖି ବିମାନବନ୍ଦରକୁ କିଛି ସମୟ ପାଇଁ ବନ୍ଦ କରି ଦିଆଯାଇଛି। ଇନ୍ଧନ ଟାଙ୍କି ଖସିପଡିବା ପରେ ମଧ୍ୟ ଫାଇଟର ପ୍ଲେନଟି ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏହି ଘଟଣା ପରେ ଅନ୍ୟ ବିମାନର ଉଡାଣରେ ସାମାନ୍ୟ ବିଳମ୍ବ ହୋଇଛି। ଏହି ଦୁର୍ଘଟଣା ପରେ ସଙ୍ଗେ ସଙ୍ଗେ ନିଆଁକୁ ଆୟତକରାଯାଇଛି। ଏନେଇ ବାୟୁସେନା ପକ୍ଷରୁ କୁହାଯାଇଛି ଯେ, ଅନ୍ୟ ବିମାନ କିଭଳି ଖୁବଶୀଘ୍ର ଚଳାଚଳ କରିବ ସେଥିପ୍ରତି ଦୃଷ୍ଟି ଦିଆଯାଉଛି।



# ଗଳାକାଟି ଯୁବକଙ୍କୁ ହତ୍ୟା, କାରଣ ଅସ୍ପଷ୍ଟ



କାମାକ୍ଷାନଗର,୮/୬- ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ବାଲିକୁମା ପଂଚାୟତ ଅନ୍ତର୍ଗତ ସନ୍ଧା ନିକଟରେ ଏକ ବିଲରେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟାକଲେ ଦୁର୍ବୃତ । ହତ୍ୟାକାଣ୍ଡର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ଥିବା ଜଣାପଡିଛି । ମୃତ ଯୁବକ ଜଣଙ୍କ ହେଲେ ମକୁଆକାଟେଣୀ ପଂଚାୟତ ଖଜୁରିଆ ଗ୍ରାମ ପଥରକଟା ସାହିର ହଗୁରୁ ମହାନ୍ତଙ୍କ ପୁଅ ସର୍ବେଶ୍ୱର ମହାନ୍ତ (୨୫) । ସର୍ବେଶ୍ୱର ଶୁକ୍ରବାର ଦିନ ଅପରାହ୍ନ ୫ଟା ବେଳେ ଗାଁ ଦୋକାନରୁ ସୋଲା ବୁଟ କିଣିବା ପାଇଁ ଯାଇ ଆଉ ଘରକୁ ଫେରିନଥିଲେ । ତେବେ ତାଙ୍କର ଆସିବା ବିଳମ୍ବ ହେବାରୁ ପରିବାର ଲୋକ ଭାବି ନେଇଥିଲେ ଯେ ସର୍ବେଶ୍ୱର ଖରଖରି ଗ୍ରାମ ସ୍ଥିତ ନିଜର ଭିଣେଇ ଘରକୁ ଯାଇଛି । ଶନିବାର ଦିନ ସକାଳୁ ସ୍ଥାନୀୟ ଲୋକ ସନ୍ଧା ନିକଟରେ ସର୍ବେଶ୍ୱରଙ୍କ ଗଳାକଟା ମୃତଦେହ ଦେଖି କଙ୍କଡାହାଡ ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଢେଙ୍କାନାଳ ଏସ୍‌ପି ଅନୁପମ୍ ଜେମ୍‌ସ, କାମାକ୍ଷାନଗର ଏସଡିପିଓ ସୁପ୍ରସନ୍ନ ମଲ୍ଲିକ, କଙ୍କଡାହାଡ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ସମେତ ସାଇଂଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଥିଲେ । ପୂର୍ବରୁ କଙ୍କଡାହାଡ ଅଂଚଳ ମାଓବାଦୀଙ୍କ ଆଡାସ୍ଥଳୀ ହୋଇଥିବାରୁ ଏହି ହତ୍ୟାକାଣ୍ଡ ପଛରେ ମାଓବାଦୀଙ୍କ ହାତ ଥିବା କଥାକୁ ଖଣ୍ଡନ କରି ଦେଇଥିଲେ ଏସ୍‌ପି । ସେ କହିଥିଲେ ଯେ ବର୍ତ୍ତମାନ ତଦନ୍ତ ଜାରି ରହିଛି, ଖୁବଶୀଘ୍ର ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବୁ । ତେବେ ସର୍ବେଶ୍ୱର ଦୁଇ ବର୍ଷତଳେ ବିବାହ କରିଥିଲେ ଏବଂ ତାଙ୍କର କାହା ସହିତ ସେମିତି ଶତ୍ରୁତା ନଥିବା ତାଙ୍କ ବାପା କହିଛନ୍ତି । ଏ ନେଇ କଙ୍କଡାହାଡ ଥାନାରେ କେସ୍ ନଂ ୨୯/୧୯ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

## ୪ କୋଟି ଟଙ୍କାର ଗଞ୍ଜେଇ ଜବତ, ୪୯ ଗିରଫ



ମାଲକାନଗିରି, ୮।୬ (ନି.ପ୍ର.): ମାଲକାନଗିରି ଓ କୋରାପୁଟ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ଅପରେଶନ୍ କ୍ଲିନ୍ ମାଧ୍ୟମରେ ଶନିବାର ପୋଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କର ୪ କୋଟିରୁ ଅଧିକ ଟଙ୍କାର ଗଞ୍ଜେଇ ଜବତ କରିବା ସହିତ ୪୯ ଜଣଙ୍କୁ ଗିରଫ କରିଛି। ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିଲା। ଗତ ୬ ତାରିଖରେ ମାଲକାନଗିରି ଜିଲ୍ଲା ବାଲିଗୁଡ଼ା-ପୂଜାରିଗୁଡ଼ାରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇଁ ପୋଲିସ୍ ଚଢ଼ଉ କରିଥିଲା। ତେବେ ଗଞ୍ଜେଇ ଚାଲାଣକାରୀ ପୋଲିସ୍ ଉପରକୁ ଆକ୍ରମଣ କରିଥିଲେ। ଫଳରେ ଜଣେ ପୋଲିସ୍ କର୍ମଚାରୀ ଆହତ ହୋଇଥିଲେ। ଏହି ଘଟଣା ତଦନ୍ତ ପାଇଁ ଏକ ୭୫ ଜଣିଆ ଟିମ୍ ଗଠନ କରାଯାଇଥିଲା। ପରେ ଏହି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା। ସର୍ଚ୍ଚ ଟିମ୍ ମାଥିଲିଠାରୁ ୧୦ କିଲୋମିଟର ଦୂର ଏକ ଜଙ୍ଗଲ ଭିତରେ ଗଞ୍ଜେଇ ଚାଲାଣକାରୀଙ୍କୁ ଠାବ କରିଥିଲା। ତେବେ ପୋଲିସ୍‌କୁ ଦେଖି ଗଞ୍ଜେଇ ଚାଲାଣକାରୀମାନେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ରାଜ୍ୟର ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ପୋଲିସ୍ ୧୫୦ ବସ୍ତା ଗଞ୍ଜେଇ ଜବତ କରିଥିଲା। ଯାହାର ଓଜନ ୩.୩୦୫ କିଲୋଗ୍ରାମ ହେବ। ଏହାର ଆନୁମାନିକ ମୂଲ୍ୟ ୨ରୁ ୩ କୋଟି ଟଙ୍କା ହେବ ବୋଲି ପୋଲିସ୍ କହିଛି।

## ଡାହୁକ



ଭଗବାନ ନାମେ ରାଣ
ଓଡ଼ିଶା ପ୍ରଗତି ଓଡ଼ିଶା ଉନ୍ନତି
ପେଇଁ କରି ନେତା ପଣ
ରଖନ୍ତିନି କେବେ ଟାଣ
କାଲି କଥା ଆଜି ଭୁଲିଯାଇ ନେତା
ଦେଖାନ୍ତି ନିଜର ଖୁଣ।

-ବିଧୂ



# ସରକାରୀ ଯୋଜନା ବାଟବଣା ଆଶଙ୍କାରେ ଛାତ୍ରଛାତ୍ରୀ ଓ ଅଭିଭାବକ

# ଭଙ୍ଗା ଘରେ କେମିତି ପଢ଼ିବେ ସ୍କୁଲ ପିଲା

ଭୁବନେଶ୍ୱର,୮।୬(ନି.ପ୍ର): ଫଣିରେ ସଂଖ୍ୟାଧିକ ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ସ୍କୁଲରେ ଛାତ ନାହିଁ। କାନ୍ଥ ଭାଙ୍ଗି ପଡ଼ିଛି। ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ହାଇସ୍କୁଲ ମରାମତି ପାଇଁ ପଂଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୧୯ ତାରିଖରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ଏସବୁର ମରାମତି ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୨୦୧୭ରେ ନୂତନ ଅନୁଦାନ ପ୍ରାପ୍ତ(ବ୍ଲକ ଗ୍ରାଂଟ) ହାଇସ୍କୁଲ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ ମରାମତି ନେଇ ସରକାରୀସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିସବୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କିଭଳି ଶିକ୍ଷା ଦାନ କରାଯିବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି।

ଅଧିକ କ୍ଷତିଗ୍ରସ୍ତ ପୁରୀ ଜିଲାରେ ପ୍ରାୟ ୨୦୦ରୁ ଅଧିକ ବ୍ଲକ ଗ୍ରାଂଟ ହାଇସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଙ୍ଗି ରୁଜି ଯାଇଛି। ସେହି ସମସ୍ତ ବିଦ୍ୟାଳୟର ମରାମତି ନେଇ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସଂପୃକ୍ତ ଜିଲାର ବିଧାୟକମାନେ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍କୁଲ ଖୋଲିବାକୁ ଆଉ ମାତ୍ର ୧୫ ଦିନ ବାକି ଥିବା ବେଳେ ଏପର୍ଯ୍ୟନ୍ତ ସରକାର ଏହି ବିଦ୍ୟାଳୟଗୁଡ଼ିକର ଗୃହ ମରାମତି ନେଇ କୌଣସି ସୁଚିନ୍ତିତ ପଦକ୍ଷେପ ନେଇନାହାନ୍ତି। ଫଳରେ ହଜାର ହଜାର ଛାତ୍ରଛାତ୍ରୀ ଶିକ୍ଷାଦାନରୁ ବଂଚିତ ହେବେ। କଣାସ ବ୍ଲକର ଜାଗୁଲେଇପଦର, ଗତିଶ୍ୱର ବିଦ୍ୟାପୀଠ, ସହାସପୁର ଏବଂ ଓହ୍ଲାଣ ହାଇସ୍କୁଲ ପରି ଅନେକ ବ୍ଲକ ଗ୍ରାଂଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ହାଇସ୍କୁଲ ମରାମତି ନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାତ୍ୟା ପ୍ରଭାବିତ ଅଂଚଳରେ ବ୍ଲକ ଗ୍ରାଂଟ ବିଦ୍ୟାଳୟ ମରାମତି ନେଇ ଉଚ୍ଚସ୍ତରୀୟ ବୈଠକ ଡ଼କାଯାଇଛି। ତୁରନ୍ତ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ କହିଛନ୍ତି।

# ୧୮ ମାସ କାମ କରି ମିଳୁନି ପାରିଶ୍ରମିକ

ଦଶପଲ୍ଲା,୮।୬(ନି.ପ୍ର): ବନାଚଂଳ ଅଧିନସ୍ଥ ଟାକରା ସେକ୍ସନରେ ଦିର୍ଘ ୧୮ ମାସ କାମ କରି ଶ୍ରମିକଙ୍କୁ ମିଳୁନି ପାରିଶ୍ରମିକ। ବୁଗୁଡା କଲୋନୀ ଗ୍ରାମର ଜଗବନ୍ଧୁ ଜାନୀ ଟାକରା ସେକ୍ସନ ଅଧିନରେ ୨୦୧୫ ଠାରୁ ୨୦୧୬ ମସିହା ପର୍ଯ୍ୟନ୍ତ ୧୮ମାସ କାମ କରି ଆସିଥିଲେ। ତାଙ୍କ କହିବା ଅନୁଯାୟୀ ତତ୍‌କାଳିନ ବନକର୍ମଚାରୀ ତାଙ୍କୁ କାର୍ଯ୍ୟରେ ନିୟୋଜିତ କରାଇଥିଲେ। ସେ ବଗୁଡା କଲୋନୀ ନିକଟସ୍ଥ ହାତୀ ଚଲାପଥ ରାସ୍ତାରେ ଚାରା ଉତ୍ପାଦନ, ବୃକ୍ଷ ରୋପଣ, ପାଣିଦେବା ଏବଂ ବିଦ୍ୟୁତ୍ ଚାଳିତ ତାରବାଡର ରକ୍ଷଣାବେକ୍ଷଣ କାର୍ଯ୍ୟ କରିଥିଲେ। ମାସିକ ୬ ହଜାର ୫ ଶହ ଟଙ୍କା ହିସାବରେ ଦରମା ଦେବା ପାଇଁ ତାଙ୍କୁ କୁହାଯାଇଥିବା ବେଳେ କୌଣସି ଦରମା ମିଳିନଥିଲା। ମାତ୍ର ଏସମ୍ପର୍କରେ



ସେ ଦାବି କରିବାରୁ ତାଙ୍କୁ ନିୟମିତ କରାଇଦେବା ପାଇଁ କର୍ମଚାରୀ ମାନେ ପ୍ରଲୋଭିତ କରିଥିଲେ। ଏହା ମଧ୍ୟରେ ତତ୍‌କାଳୀନ ବନପାଳ ଓ ବନରକ୍ଷୀଙ୍କ ଅନ୍ୟତ୍ର ବଦଳି ପରେ ଏଥିପ୍ରତି କେହି ଗୁରୁତ୍ୱ ମଧ୍ୟ ଦେଇନଥିଲେ। ବାଧ୍ୟ ହୋଇ ସେ ନିରାଶ ହୋଇ ବିଭିନ୍ନ ବନକର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ପ୍ରତି କେହି ଗୁରୁତ୍ୱ ଦେଉନଥିବା ସେ ଅଭିଯୋଗ କରିଛନ୍ତି। କିନ୍ତୁ ଏସମ୍ପର୍କରେ ବନାଚଂଳ ଅଧିକାରୀ ସୋମନାଥ ନାୟକ କହିଛନ୍ତି ସେ ସମୟରେ କଣ ହୋଇଛି ତାହା ଜଣାନାହିଁ। ବନପାଳଙ୍କ ବଦଳି ହୋଇଥିବା ବେଳେ ବନରକ୍ଷୀ ମଧ୍ୟ ମୃତ୍ୟୁ ବରଣ କଲେଣି। ସେହି ସେକ୍ସନର କାଗଜପତ୍ର ଦେଖିବା ପରେ କଣ ହୋଇଛି ଜଣାପଡିବ ବୋଲି କହିଛନ୍ତି।

# ଫନିକୁ ମାସେ ପୂରିଲା !ଏବେବି ବିପନ୍ନରେ ଆଶ୍ରୟସ୍ଥଳୀ

ନିଆଳୀ,୮।୬(ନି.ପ୍ର): ବାତ୍ୟା ଫନୀକୁ ମାସେ ପୂରିଛି କଟକ ଜିଲ୍ଲା ନିଆଳୀ ବ୍ଲକରେ ଏବେବି ବାତ୍ୟା ବିପନ୍ନ ଆଶ୍ରୟସ୍ଥଳରେ ରହିଥିବା ଦେଖିବାକୁ ମିଳୁଛି। ମାଟି, ଚାଳ ଓ ଟିଣ, ଆଜବେଷ୍ଟଘର ଭାଙ୍ଗି ଯାଇଥିବାରୁ ଉକ୍ତ ଘରର ବିପନ୍ନ ପରିବାର ସରକାରୀ ବାତ୍ୟା ଆଶ୍ରୟସ୍ଥଳ ଓ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଆଦିରେ ଆଶ୍ରୟନେଇ ରହିଛନ୍ତି। ଘର ଖଣ୍ଡିକୁ ମରାମତି କରିବାକୁ ସକ୍ଷମତା ଅଭାବରୁ ଏଭଳି ପରିସ୍ଥିତିରେ ଦିନକାଟୁଛି ବିପନ୍ନ ପରିବାର। ସରକାର ବାତ୍ୟାକୁ ସୁପରିଚାଳନା କରିଥିବା ନେଇ ଭୂୟସି ପ୍ରଶଂସାରେ ପୋତି ହୋଇପଡିଥିବାବେଳେ ବାତ୍ୟା ପରିଚାଳନା ଯେ କେତେ ସୁଚାରୁ ହୋଇଛି। ତାହାର ପରିସ୍ଥିତି ଦେଖିବା ଲୋକହିଁ ଅନୁମାନ କରିବ । ବାତ୍ୟା ସହାୟତା ଘୋଷଣାନୁଯାୟି ଏବେବି ବିପନ୍ନ ସହାୟତା ପାଇ ପାରିନାହାଁନ୍ତି। ଚାଷ ବେଉଶା ବଷା ଭାଙ୍ଗିଯିବା ପରେ ଉକ୍ତ ବ୍ଲକର ବାତ୍ୟା କ୍ଷତିଗ୍ରସ୍ଥ ଏବେ ଦୁର୍ଦ୍ଦୀନରେ କାଳାତିପାତ କରୁଛି। ଅନ୍ୟପକ୍ଷରେ ଏହି ନିଆଳୀ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ଉପେକ୍ଷା କରାଯାଇ ରାଜନୈତିକ ଭିତ୍ତିରେ ଦଳୀୟ ଲୋକଙ୍କୁ ସାମିଲ କରାଯାଉଥିବା ଦୃଢ ଅଭିଯୋଗ ହେଉଛି। ଉପଯୁକ୍ତ ତଦନ୍ତ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି।

# ଦିନ ତମାମ ଜଳୁଛି ଷ୍ଟ୍ରୀଟ ଲାଇଟ

ଭୁବନେଶ୍ୱର,୮।୬(ନି.ପ୍ର): ବାତ୍ୟାରେ ବିଦ୍ୟୁତ ବ୍ୟବସ୍ଥା ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା। ଦୀର୍ଘ ୧୦/୧୨ ଦିନ ବିନା ବିଜୁଳିରେ ରହିବା ପରେ ଭୁବନେଶ୍ୱରବାସୀ ବିଦ୍ୟୁତ ସଂଯୋଗ ପାଇଥିଲେ। ଏଭିତରେ ମାସେ ବିତିଲାଣି ତଥାପି ବିଦ୍ୟୁତ ବ୍ୟବସ୍ଥାରେ ସୁଧାର ଆସି ପାରିନି। ଅଧିକାଂଶ ସ୍ଥାନରେ ଉପୁଡ଼ି ପଡ଼ିଥିବା ଖୁଂଟ ଉଠା ଯାଇପାରିନଥିବା ବେଳେ ରାସ୍ତା ସାରା ତାର ଝୁଲି ରହିଛି। ବିଦ୍ୟୁତ କାଟ ଚାଲିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଏମସି ଏବଂ ଶକ୍ତି ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ସହରର ଅଧିକାଂଶ ସ୍ଥାନରେ ଦିନ ତମାମ ଷ୍ଟ୍ରୀଟ ଲାଇଟ ଜଳୁଛି। ଯେଉଁଠି ଷ୍ଟ୍ରୀଟ ଲାଇଟ ଆବଶ୍ୟକ ସେଠି ଅକାମୀ ହୋଇ ରହିଛି। ସଜଡ଼ା ଯାଇପାରୁନି। ଅଭିଯୋଗ କଲେ କେହି କର୍ଣ୍ଣପାତ ମଧ କରୁନାହାନ୍ତି। ଷ୍ଟ୍ରୀଟ ଲାଇଟ ୨୪ ଘଂଟା ଧରି ଜଳିବା ଫଳରେ ଏଥର ବିଏମସିକୁ ଅଧିକ ପରିମାଣର ବିଦ୍ୟୁତ ଶକ୍ତି ବ୍ୟୟ ବାବଦ ଅର୍ଥ ଦେବାକୁ ପଡ଼ିବ। ବିଭାଗର ଅଧିକାରୀ ଓ ଦାୟିତ୍ୱରେ ଥିବା କର୍ମଚାରୀ ଦିନ ତମାମ ଷ୍ଟ୍ରୀଟ ଲାଇଟ ଜଳୁଥିବା ଜାଣି ମଧ ପଦକ୍ଷେପ ନେଉନାହାନ୍ତି। ଶକ୍ତି ବିଭାଗ ବିଏମସି ଉପରେ ଏବଂ ବିଏମସି ଶକ୍ତି ବିଭାଗ ଉପରେ ଦୋଷ ଲଦି ଚାଲିଛନ୍ତି।

# ପ୍ରଥମ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ ଓ ପ୍ରଥମ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୮।୬(ନି.ପ୍ର): ସ୍ଥିତ ଗୀତଗୋବିନ୍ଦ ସଦନଠାରେ ଗୀତାଞ୍ଜଳୀ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଏବର୍ଷର ଦ୍ୱିତୀୟ ଗୀତାଞ୍ଜଳୀ ପ୍ରତିଭା ସମ୍ମାନ-୨୦୧୯ ପ୍ରଦାନ କରାଯିବା ସହିତ ପ୍ରଥମ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ ଓ ପ୍ରଥମ ଆଦର୍ଶ ବିଦ୍ୟାଳୟ ସମ୍ମାନ ମଧ ପ୍ରଦାନ କରାଯାଇଛି। ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବାଲିଅନ୍ତା ଦ୍ୱିତୀୟ



ଗୀତାଞ୍ଜଳୀ ପ୍ରତିଭା ସମ୍ମାନ-୨୦୧୯ ଏବଂ ବାଲିପାଟଣା ବ୍ଲକର କୃତୀ ଛାତ୍ରଛାତ୍ରୀମାନଙ୍କୁ ଏବଂ ଏହି ଦୁଇ ବ୍ଲକର ୧୦ଜଣ ଶିକ୍ଷକଙ୍କୁ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ ଓ ବାଲିଅନ୍ତା ବ୍ଲକର ୪ଟି ଉଚ୍ଚ ବିଦ୍ୟାଳୟକୁ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ ପ୍ରଦାନ କରାଯାଇଛି। ପ୍ରତିଷ୍ଠିତ, ସଫଳ ବ୍ୟକ୍ତି ଓ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଗୌରବମୟ କୃତୀ ପାଇଁ ଏ ପ୍ରକାରର ସମ୍ମାନ, ସ୍ୱୀକୃତି, ପ୍ରୋତ୍ସାହନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ଅତିଥିମାନେ ସ୍ୱାଗତ କରିବା ସହିତ ପ୍ରଶଂସା ମଧ କରିଥିଲେ। ଏପରି କାର୍ଯ୍ୟକ୍ରମ ଆଗକୁ ଆହୁରି ଆୟୋଜନ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଅନୁଷ୍ଠାନର ଅଧକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ତଥା ସମାଜସେବୀ ଡି. ପ୍ରକାଶ ରାଓ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ରୂପେ ଜୟଦେବର ମାନ୍ୟବର ବିଧାୟକ ଶ୍ରୀ ଅରବିନ୍ଦ ଢାଲି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଏମ୍‌ସ, ଭୁବନେଶ୍ୱରର ନିର୍ଦ୍ଦେଶକ ତଥା ସମ୍ ହସ୍ପିଟାଲର ନିର୍ଦ୍ଦେଶକ ଡଃ ଅଶୋକ କୁମାର ମହାପାତ୍ର, ବାଲିଅନ୍ତା ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିରେଖା ପ୍ରଧାନ, ବାଲିପାଟଣା ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ମିତାଞ୍ଜଳି ଦାସ, ଶିକ୍ଷାବିତ୍ ପ୍ରମୋଦ ପାଢୀ, ଆମ୍‌ଜାର ସମ୍ପାଦିକା କବିତା ମଞ୍ଜରୀ ପରିଡ଼ା ଏବଂ ମୁଖ୍ୟ ଉପଦେଷ୍ଟା ବିଧୁ ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ତାପସ ରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ବିଶ୍ୱଜିତ୍ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶୁଭଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ତପନ କୁମାର ସ୍ୱାଇଁ, ତୁଳସୀ ବିଶୋୟୀ, ମଦନ ମୋହନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତ୍ ଓ ଛାତ୍ର ଓ ଯୁବକମାନେ ଯୋଗଦାନ କରିଥିଲେ।

# ହୃଦଘାତରେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ

କୋଣାର୍କ,୮।୬(ନି.ପ୍ର): ଏନଏସି ଅନ୍ତର୍ଗତ ୧୦ନମ୍ବର ୱାର୍ଡର ଟିଚର୍ସ କଲୋନୀର ବାସିନ୍ଦା ବାନାମ୍ବର ପୃଷ୍ଟିଙ୍କର ୭୨ବର୍ଷ ବୟସରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ମୃତ୍ୟୁ ହୋଇ ଯାଇଛି। ଘଟଣାରୁ ପ୍ରକାଶ ରାତି ପ୍ରାୟ ୨ଟା ସମୟରେ ସ୍ୱର୍ଗତ ବାନାମ୍ବର ଶୌଚ ହେବା ପାଇଁ ବାହାରକୁ ଆସିଥିଲେ। ଶୌଚ ସାରି ଘରକୁ ଫେରିବା ପରେ ହଠାତ୍ ଅସୁସ୍ଥତା ଅନୁଭବ କରିତଲେ ପଡିଯାଇଥିଲେ । ଏ ସମ୍ପର୍କରେ ପରିବାର ଲୋକ ଓ ପଡଶୀଙ୍କ ପାଖରୁ ଖବର ପାଇ ଚମ୍ପାହର ଅଗ୍ନିଶମ କେନ୍ଦ୍ରର ଅଧିକାରୀ ଜ୍ୟୋତିପ୍ରକାଶ ରଥ ଓ ତାଙ୍କ ସହ କର୍ମୀମାନେ ଘଟଣା ସ୍ଥଳରେ ପହଞ୍ଚି ବାନାମ୍ବରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ । ଡାକ୍ତର ଖାନାରେ ପହଞ୍ଚିଲା ବେଳକୁ ବାନାମ୍ବରଙ୍କ ପ୍ରାଣ ବାୟୁ ଉଡିଯାଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସହଧର୍ମୀଣୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ ସମେତ ପରିବାର ଅନ୍ୟ ସଦସ୍ୟମାନେ



ଉପସ୍ଥିତ ଥିଲେ। ବାନାମ୍ବରଙ୍କ ମୃତ୍ୟୁ ଖବର ପ୍ରଚାରୀତ ହେବା ପରେ ସମାଜସେବୀ ରାଜକିଶୋର ମହାପାତ୍ର, ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ, ଯୁବନେତା ରାମେଶ ଗୋଛାୟତଙ୍କ ସମେତ ସ୍ଥାନୀ ଅଞ୍ଚଳର ଶତାଧିକ ଲୋକେ ଶେଷ ଦର୍ଶନ କରିଥିଲେ। ଏହି ସମୟରେ ଏଠାରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଲୋକେ ଶେଷ ଦର୍ଶନ କରିବା ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗ ଦ୍ୱରଠାରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । କନିଷ୍ଠା କନ୍ୟା ରୁବୀ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବାନାମ୍ବର ଜଣେ ପରୋଉପକାରୀ ମିଷ୍ଟଭାଷୀ ବ୍ୟକ୍ତିଭାବେ ପରିଚିତ ଥିଲେ । ବିଳମ୍ବିତ ରାତିରେ ବାନମ୍ବରଙ୍କ ଅସୁସ୍ଥତା ଖବର ପାଇ ପଡେଶୀ ମଙ୍ଗୁଳି ମହାରଣାଙ୍କ ପୁତ୍ର ଚିନ୍ମୟ ମହାରଣା ଉଦ୍ଧାର କରିବାକୁ ଆସି ସର୍ପାଘାତରେ ଆହତ ହୋଇ ଗୋପ ପରେ ଭୁବନେଶ୍ୱରଠାରେ ଚିକିତ୍ସିତ ହେଉଥିବା ଜଣା ପଡିଛି ।

# ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମରେ ଟିଡି ଭ୍ୟାକ୍ସିନର ଅର୍ନ୍ତଭୁକ୍ତି

କଟକ, ୮।୬ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କଟକ- ଟିଟାନସ୍ ଏବଂ ଆଡଲଟ୍ ଡିପ୍‌ଥେରିଆ (ଟିଡି) ଭ୍ୟାକ୍ସିନ୍‌ର ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତିକରଣ ନିମନ୍ତେ ତା. ୦୬.୦୬.୨୦୧୯ ଓ ୦୭.୦୬.୨୦୧୯ରିଖରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଡା. ବିଭୁତି ଭୂଷଣ ନାୟକ, ସି.ଡି.ଏମ୍.ଓ ଙ୍କ ଅଧକ୍ଷତାରେ ଜିଲ୍ଲାର ସମସ୍ତ ମେଡିକାଲ ଅଫିସରମାନଙ୍କୁ ନେଇ ଏକ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳା ରେ ଜିଲ୍ଲା ସ୍ତରିୟ ଅଧିକାରି ଡା. ମାନଭନ ଶତପଥି, ଏ.ଡି.ଏମ୍.ଓ (ମେଡିକାଲ), ଡା. ମୃତ୍ୟୁଂୟ ମହାପାତ୍ର, ଏ.ଡି.ଏମ୍.ଓ (ଏଫ୍.ଡବ୍ଲୁ), ଡା. ଭକ୍ତଚରଣ ସ୍ୱାଇଁ, ଡି.ଟି.ଓ, ଦିପକ କୁମାର ସାହୁ, ଡିପିଏମ୍, ଏନଏଚଏମ, ସନ୍ଧ୍ୟାରାଣି ପଣ୍ଡା, ଡିଏମଆରସିଏଚ, ଦିଲିପ କୁମାର ସେଠି, ଡିଭିଏଲଏମ ପ୍ରମୁଖ ଉପସ୍ଥିତ ଥିଲେ । ସାର୍ବଜନୀନ ଟୀକାକରଣ



କାର୍ଯକ୍ରମରେ ଟିଟାନସ୍ ଟକ୍ସାଇଡ ଟୀକା ବଦଳରେ ଟିଟାନସ୍ ଡିପ୍‌ଥେରିଆ (ଟିଡି) ଟୀକାର ବ୍ୟବହାର କରାଯିବା ନିମନ୍ତେ ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା । ଡା. ଦିପକ କର, ଏସଏମଓ, (ଡବ୍ଲୁଏଚଓ) ଦୁଇଦିନ ଧରି ଏହି କର୍ମଶାଳାର ମୁଖ୍ୟ ବକ୍ତା ଥିଲେ । ଏହି ଟୀକା ନୂଆ ଟୀକା ନୁହେଁ । ଏଥିରେ ଟିଡି ଟୀକା ହେଉଛି ଟିଟାନସ୍ ଓ ଡିପ୍‌ଥେରିଆ ଆଂଟିଜେନର ସ୍ୱଳ୍ପ ଘନତ୍ୱ ଯୁକ୍ତ ଏକ ମିଶ୍ରଣ ଯାହା ବଡପିଲା, ବୟସ୍କ ଓ ଗର୍ଭବତୀ ମା' ମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି କାର୍ଯ୍ୟକ୍ରମ ଅଧିନରେ ୧୩୩ ଟି ଦେଶ ଟିଡି ଟୀକା ବ୍ୟବହାର କରୁଛନ୍ତି । ବର୍ତମାନ ସାର୍ବଜନୀନ (ୟୁଆଇପି) ଟୀକାକରଣ ସାରଣି ଯାହା ଟିଟି ପାଇଁ ଅଛି, ତାହା ହିଁ ଟିଡି ପାଇଁ ଅନୁକରଣ କରାଯିବ । ସଭା ଶେଷରେ ଶ୍ରୀମତି ଅଳି ରାଏ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୮ ଲିଟରର ଦେଶୀ ମଦ, ୩ ଗିରଫ

ଦଶପଲ୍ଲା,୮।୬(ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୮ ଲିଟର ଦେଶୀ ମଦ ସହ ୮୦ କେଜି ପୋଚ ଜବତ କରାଯାଇଥିବା ବେଳେ ୩ଜଣ ଗିରଫ ହୋଇଛନ୍ତି। ଅବକାରୀ ଥାନା ଅଧିକାରୀ ସତ୍ୟନାରାୟଣ ଦାଶଙ୍କ ନେତୃତ୍ୱରେ ଏହି ଚଢାଉ ଦଶପଲ୍ଲା ଏବଂ ଗଣିଆ ଥାନା ଅଂଚଳର ବିଭିନ୍ନ ସ୍ଥାନରେ କରାଯାଇଥିଲା। ଚଢାଉ ବେଳେ ବାଣିଗୋଛା ଥାନା ଅଧିନସ୍ଥ ଦଳକ ଗ୍ରାମର ଦୁରୁଜ ବେହେରା(୩୬) ଙ୍କ ଠାରୁ ୪ ଲିଟର, ଶ୍ରୀଧର ବେହେରା(୫୫) ଙ୍କ ଠାରୁ ୪ଲିଟର ଏବଂ ଦଶପଲ୍ଲା ଥାନା ଝିଂଟିକାବାରୀ ଗ୍ରାମର ରଂଜନ ନାୟକ(୩୬) ଙ୍କ ଠାରୁ ୧୦ ଲିଟର ଦେଶୀ ମଦ ସହ ୮୦ କିଗ୍ରା ପୋଚ ଓ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ରଂଜନ ଦିର୍ଘ ଦିନ ଧରି ଏହି ମଦ ବ୍ୟବସାୟ କରି ଆସୁଥିଲେ। ମାତ୍ର ଆଜି ଚଢାଉ ବେଳେ ସେ ବାଡିପଟ ଏକ ନାଳରେ ମଦ ରାନ୍ଧିବା ପାଇଁ ବିଭିନ୍ନ ସରଞ୍ଜାମ ପ୍ରସ୍ତୁତ କରୁଥିବା ବେଳେ ଏହି ଚଢାଉ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ଦାଶ ପ୍ରକାଶ କରିଛନ୍ତି। ଏହି ଚଢାଉରେ ଏଏସ୍‌ଆଇ ସୁବାଷ ଚନ୍ଦ୍ର ସେଠୀ, ଲକ୍ଷ୍ମୀଧର ବେହେରା, ଶରତ ଚନ୍ଦ୍ର ପରିଡା, ପ୍ରଦୀପ ନାୟକ ଏବଂ ହରପ୍ରିୟା ମଲ୍ଲିକ ସାମିଲ ଥିଲେ।

# ଜୁନ୍ ୧୯ରୁ ଦୁଇ ଦିନିଆ ରାଜ୍ୟସ୍ତରୀୟ ସିଡିଏମ୍‌ଓ ସମ୍ମିଳନୀ

ଭୁବନେଶ୍ୱର,୮।୬(ନି.ପ୍ର): ଆସନ୍ତା ୧୯ ତାରିଖରୁ ଦୁଇ ଦିନିଆ ରାଜ୍ୟସ୍ତରୀୟ ସିଡିଏମ୍‌ଓ ସମ୍ମିଳନୀ ଅନୁଷ୍ଠିତ ହେବ । ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ କ୍ୟାପିଟାଲ ହସ୍ପିଟାଲ ଓ ଆରଜିଏଚ୍ ରାଉରକେଲାର ନିର୍ଦ୍ଦେଶକଙ୍କ ସହିତ ସମସ୍ତ ଜିଲ୍ଲାର ସିଡିଏମ୍‌ଓ ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗଦେବେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସହଯୋଗୀ ସଂସ୍ଥା ମଧ ଉପସ୍ଥିତ ରହିବେ ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ସରକାର ଗଠନ ପରେ ଏହା ହେଉଛି ପ୍ରଥମ ସିଡିଏମ୍‌ଓ ସମ୍ମିଳନୀ । ବାତ୍ୟା ପରବର୍ତ୍ତୀ ସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀ ବହୁ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି । ରାଜ୍ୟ ସଚିବାଳୟର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମ ଦିନ ବିଭାଗୀୟ ମନ୍ତ୍ରୀ ଶ୍ରୀ ଦାସ ଏହାକୁ ଉଦ୍‌ଘାଟନ କରିବେ । ଏଥିରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଅତିରିକ୍ତ ସଚିବ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ମନୋଜ ଜଲାନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଯୋଗଦେଇ ସ୍ୱାସ୍ଥ୍ୟସେବା ଉପରେ ମତ ରଖିବେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରରାଯାଉଥିବା ପଦକ୍ଷେପ ଉପରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଦାସ ଆଲୋକପାତ କରିବେ । ସେହିଭଳି ଭିଡିଓ କନ୍‌ଫରେନ୍ସ ମାଧ୍ୟରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା ହେବ । ପ୍ରଥମ ଦିନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯିବା ନେଇ କାର୍ଯ୍ୟସୂଚୀ ରହିଛି ।

ସମ୍ମିଳନୀର ଦ୍ୱିତୀୟ ଦିନରେ ମାଗଣା ଔଷଧ ଯୋଜନା ନିରାମୟ, ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୁନେତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ପିପିପି ମୋଡ୍‌ରେ କାର୍ଯକାରୀ ହେଉଥିବା ନିଦାନ, ସହାୟ ଓ ନିର୍ମଳ, ଟୀକାକରଣ, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଅଣସଂକ୍ରମିତ ରୋଗ କାର୍ଯ୍ୟକ୍ରମ ଆଦି ଉପରେ ବିସ୍ତୃତ ଆଲୋଚନା ହେବ। ଏଥିରେ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଅର୍ଚ୍ଚନା ପଟ୍ଟନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ପରିବାର କଲ୍ୟାଣ ନିର୍ଦ୍ଦେଶକ ପ୍ରମୁଖ ଅଂଶଗ୍ରହଣ କରିବେ। ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଓଡିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିବାଲାଗି ଆରମ୍ଭ ହୋଇଥିବା ଉଦ୍ୟମ କିଭଳି ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ ହେବ ଓ ଲୋକେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେ ସଂକ୍ରାନ୍ତରେ ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି ।

# ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ପିପିଲିରେ ସମ୍ବର୍ଦ୍ଧନା

ପିପିଲ,୮।୬(ନି.ପ୍ର): ଡେଲାଙ୍ଗ ବିଜେପି ପକ୍ଷରୁ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀଙ୍କୁ ପିପିଲି ହାଠଛକ ଠାରେ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ବିଜେପି ନେତା ତଥା ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଭ୍ୟ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଯାଉଥିବା କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏମଏସଏମଇ, ମତ୍ସ୍ୟ ଓ ପଶୁସମ୍ପଦ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ଆଜି ପିପିଲି ଠାରେ ହଜାର ହଜାର ବିଜେପି ପୁରୁଷ ଓ





ମହିଳା କର୍ମୀ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଓଡ଼ିଶାର ସାମଗ୍ରୀକ ବିକାଶ ପାଇଁ ସେ ସବୁମତେ ଉଦ୍ୟମ ଜାରି ରଖିବେ ବୋଲି ଉଭୟ ମନ୍ତ୍ରୀ ସେଠାରେ ପ୍ରକାଶ କରିଥିଲେ । ଏଥିସହ ଦୁଇ ମନ୍ତ୍ରୀଙ୍କ ସହ ଥିବା ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅରୁଣ ସିଂହଙ୍କୁ ମଧ୍ୟ କର୍ମୀମାନେ ସମ୍ବର୍ଦ୍ଧନା ଦେଇଥିଲେ । ଶ୍ରୀ ପଟ୍ଟନାୟକଙ୍କ ସମେତ ପିପିଲିର ପୂର୍ବତନ ପୌର ଉପାଧ୍ୟକ୍ଷ ସୁକାନ୍ତ ଭଟ୍ଟ, ପୁରୀ ଜିଲ୍ଲା ବିଜେପି ଉପସଭାପତି ଜନ୍ମେଜୟ ଜେନା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ବରିଷ୍ଠ ନେତା କୃତିବାସ ମହାପାତ୍ର, ଯୁବନେତା ଭବାନୀ ସାହୁ, ବିସ୍ତାରକ ଆର୍ତ୍ତବନ୍ଧୁ ପୃଷ୍ଟି, ମଣ୍ଡଳ ସଭାପତି ସୁଧିର ବିଶ୍ୱାଳ ପ୍ରମୁଖ ସେଠାରେ ଦୁଇ କେନ୍ଦ୍ର ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ରବିବାର, ୯ ଜୁନ୍ ୨୦୧୯, ଭୁବନେଶ୍ୱର
Sunday, 9 June 2019, Bhubaneswar



ମହାପୁରୁଷଙ୍କ ଲେଖନୀରୁ ...

ଚମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ନୀତିଶଙ୍କ ଗୋଟିଚାଳନା

ରାଜନୀତିରେ କେତେବେଳେ କିଏ କାହାର ବନ୍ଧୁ ହେବ ବା ଶତ୍ରୁ ପାଲଟିବ ତାହା କହିବା କଷ୍ଟକର । ନିଜ ସ୍ୱାର୍ଥ ଏବଂ କ୍ଷମତା ପାଇଁ ନେତାମାନେ କେବଳ ଦଳ ବଦଳ କରିବା ଦେଖାଯାଏନି, ଦୁଇ ଦଳ ମଧ୍ୟରେ ମେଣ୍ଟ ବି ପ୍ରଭାବିତ ହୋଇଥାଏ । ଏଥର ନିର୍ବାଚନରେ ଯିଏ ଯାହା ସହିତ ହାତ ମିଳାଇଛନ୍ତି, ଆସନ୍ତା ନିର୍ବାଚନରେ ସିଏ ସେହି ଦଳ ସହିତ ରହିବ ବୋଲି କୁହାଯାଇପାରିବ ନାହିଁ । ଅତୀତରେ ଏମିତି ଘଟଣାର ବହୁ ଉଦାହରଣ ଦେଖିବାକୁ ମିଳିଛି । ଭାରତୀୟ ରାଜନୀତିର ଅନ୍ୟତମ ପ୍ରାଣକେନ୍ଦ୍ର କୁହାଯାଉଥିବା ବିହାରରେ ଏଭଳି ଉଦାହରଣର ଅଭାବ ନାହିଁ । ବିହାରରେ ୨୦୧୪ରେ ବିଜେପି ବିରୋଧରେ ଜେଡିୟୁ ଲଢ଼ିଥିଲା । ଏଥର ନିର୍ବାଚନରେ ଜେଡିୟୁ ପୁନର୍ବାର ଏନଡିଏରେ ସାମିଲ ହୋଇଥିଲା । ଜେଡିୟୁ ନେତା ନୀତିଶ କୁମାର ଲାଲୁଙ୍କୁ ବିରୋଧ କରି ନିଜର ରାଜନୈତିକ ଭିତ୍ତି ସୁଦୃଢ଼ କରିଥିଲେ । ରାଜ୍ୟରେ ଅଣ କଂଗ୍ରେସ ରାଜନୀତିର ମଙ୍ଗ ଧରିଥିବା ନୀତିଶ ଏଥିପାଇଁ ନିଜର ରାଜନୈତିକ ଜୀବନର ଅଧିକାଂଶ ସମୟ ବିଜେପିର ହାତ ଧରିଛନ୍ତି । କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି, ବିଜେପି ସମର୍ଥନରେ ବିହାର ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଛନ୍ତି । କର୍ପୁରୀ ଠାକୁର, ଜର୍ଜ ଫର୍ଣ୍ଣାଣ୍ଡେଜ୍‌ଙ୍କ ସହିତ ଅଣ କଂଗ୍ରେସ ରାଜନୀତିକୁ ଆପଣାଇ ଆସିଛନ୍ତି ଏବଂ ନିଜକୁ ଜଣେ ଅପ୍ରତିଦ୍ୱନ୍ଦ୍ୱି ନେତାଭାବେ ପ୍ରତିଷ୍ଠିତ କରିଛନ୍ତି । ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନଡିଏର ସେ ଥିଲେ ଜଣେ ଆଗ ଧାଡ଼ିର ନେତା । କଂଗ୍ରେସ ସହିତ ହାତ ମିଳାଇଥିବା ଲାଲୁ ପ୍ରସାଦ ଯାଦବଙ୍କୁ ବିରୋଧ କରି ସେ ନିଜକୁ ଜଣେ ନିର୍ମଳ ଓ ଦୁର୍ନୀତିମୁକ୍ତ ନେତାଭାବେ ପ୍ରତିଷ୍ଠିତ କରିପାରିଛନ୍ତି । ତେବେ ୨୦୧୪ରେ ମୋଦିଙ୍କୁ ବିରୋଧ କରି ସେ ଏନଡିଏଠାରୁ ଦୁରେଇ ଯାଇଥିଲେ ଏବଂ ପରିଣାମ ସ୍ୱରୂପ ୨୦୧୪ ଲୋକସଭା ନିର୍ବାଚନରେ ଜେଡିୟୁ ବିହାରରେ ଶୋଚନୀୟ ଭାବେ ପରାଜିତ ହୋଇଥିଲା । ନିଜ ରାଜନୈତିକ ଜୀବନ କାଳରେ ନୀତିଶଙ୍କର ଏହା ଥିଲା ସବୁଠାରୁ ବଡ଼ ପରାଜୟ ଏବଂ ଭୂଲ୍ ପଦକ୍ଷେପ । ଏହା ପରେ ବିହାର ବିଧାନସଭା ପାଇଁ ଅନୁଷ୍ଠିତ ନିର୍ବାଚନରେ ନୀତିଶ ନିଜର ରାଜନୈତିକ ଭବିଷ୍ୟତ ଓ କ୍ଷମତା ପାଇଁ ଆଉ ଏକ ବଡ଼ ନିଷ୍ପତ୍ତି ନେଲେ । ଦୀର୍ଘ ବର୍ଷ ଧରି ଦୁର୍ନୀତି ବିରୋଧରେ ଲଢ଼େଇ କରି ଆସୁଥିବା ନୀତିଶ ଦୁର୍ନୀତି ସହିତ ସାଲିସ କଲେ । ଲାଲୁଙ୍କ ଆରଜେଡି ଓ କଂଗ୍ରେସ ସହିତ ସେ ବିଧାନସଭା ନିର୍ବାଚନରେ ହାତ ମିଳାଇ ବାଜି ମାରିନେଲେ । କେବଳ କ୍ଷମତା ବଜାୟ ରଖିବାକୁ ସେ ଏପରି ସାଲିସ୍ କଲେ । ଏହି ପରୀକ୍ଷଣ ସଫଳ ମଧ୍ୟ ହେଲା । ବିଜେପିକୁ ବିହାର ବିଧାନସଭା ନିର୍ବାଚନରେ ପରଜିତ କରି ସେ ନିଜ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଲେ । ଏଥିପାଇଁ ଲାଲୁଙ୍କ ଅଧିକାଂଶ ସର୍ତ୍ତକୁ ମାନିନେଲେ । ଲାଲୁଙ୍କ ଦୁଇ ପୁଅ ହେଲେ ମନ୍ତ୍ରୀ । ଜଣେ ଉପ-ମୁଖ୍ୟମନ୍ତ୍ରୀ ପଦ ମଧ୍ୟ ପାଇଲେ । କିନ୍ତୁ ମୂଳରୁ ନୀତିଶ-ଲାଲୁ ମେଣ୍ଟରେ ଫାଟ ଦେଖିବାକୁ ମିଳିଥିଲା । ଲାଲୁଙ୍କ ପରିବାର ବିରୋଧରେ ଆସିଥିଲା ଗୁରୁତର ଦୁର୍ନୀତି ଅଭିଯୋଗ । ମେଣ୍ଟ ସରକାରର ଲୋକପ୍ରିୟତା ଦ୍ରୁତ ଗତିରେ ହ୍ରାସ ପାଉଥିବା ଅନୁଭବ କରି ନୀତିଶ ଲାଲୁଙ୍କ ପରିବାର ବୋଝରୁ ନିଜକୁ ମୁକ୍ତ କରିବାକୁ ଚାହିଁଲେ । ଶେଷରେ ତାହା ହିଁ ହେଲା ଏବଂ ଜେଡିୟୁ-ଆରଜେଡି ମେଣ୍ଟ ଭାଙ୍ଗିଗଲା । ନିଜ ଆସନ ବଞ୍ଚାଇବା ପାଇଁ ନୀତିଶ ପୁଣି ବିଜେପି ହାତ ଧରିବାକୁ ବାଧ୍ୟ ହେଲେ । ପୁଣି ଫେରିଲା ବଜେପି-ଜେଡିୟୁ ମେଣ୍ଟ ସରକାର । ଏହାକୁ ଅନେକ ନୀତିଶଙ୍କ ସୁବିଧାବାଦ ବା କ୍ଷମତାଲିପ୍ସା ବୋଲି କହିଲେ । କିନ୍ତୁ କ୍ଷମତା ବଜାୟ ରଖିବାକୁ ନୀତିଶଙ୍କ ପାଇଁ ଅନ୍ୟ ପନ୍ଥା ନଥିଲା । ସଦ୍ୟ ସମାପ୍ତ ଲୋକସଭା ନିର୍ବାଚନରେ ମଧ୍ୟ ନୀତିଶଙ୍କ ନେତୃତ୍ୱାଧୀନ ଜେଡିୟୁ-ବିଜେପି-ଏଲଜେପି ମେଣ୍ଟ ବିପୁଳ ସଫଳତା ପାଇଥିଲା । ଜେଡିୟୁ ରାଜ୍ୟର ୧୭ଟି ଆସନରେ ପ୍ରାର୍ଥୀ ଦେଇ ୧୬ଟିରେ ବିଜୟୀ ହୋଇଛି । ମୋଦି ହାୱାରୁ ନୀତିଶ ଫାଇଦା ଉଠାଇଛନ୍ତି । ନଚେତ୍ ଏଥର ମଧ୍ୟ ସେ ନିର୍ବାଚନରେ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାନ୍ତେ । ତେବେ ବିଜେପି ସହ ହାତ ମିଳାଇ ଲାଭବାନ୍ ହେବା ସତ୍ତ୍ୱେ ନୀତିଶ ଏବେ ପୁଣି ନୂଆ ଖେଳ ଆରମ୍ଭ କରିଛନ୍ତି । ମୋଦି ମନ୍ତ୍ରିମଣ୍ଡଳରେ ଜେଡିୟୁ ସାମିଲ୍ ହେଇନାହିଁ । କେନ୍ଦ୍ର କ୍ୟାବିନେଟରେ ଅଧିକ ମନ୍ତ୍ରୀ ପଦ ଦାବି କରି ନୀତିଶ ନିରାଶ ହେବା ପରେ ମୋଦି ମନ୍ତ୍ରିମଣ୍ଡଳରେ ସାମିଲ୍ ହେବା ପରିବର୍ତ୍ତେ ଜେଡିୟୁ ସରକାରକୁ ବାହ୍ୟ ସମର୍ଥନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ବିଜେପି ସଭାପତି ଅମିତ ଶାହ ଜେଡିୟୁକୁ ଗୋଟିଏ କ୍ୟାବିନେଟ୍ ମନ୍ତ୍ରୀ ପଦ ଯାଚିଥିଲେ ମଧ୍ୟ ନୀତିଶ ଏଥିରେ ରାଜି ହୋଇ ନାହାଁନ୍ତି । ସମ୍ଭବତଃ ସେ ଦୁଇ ବା ତିନିଟି ମନ୍ତ୍ରୀ ପଦ ସହ ଗୁରୁତ୍ୱପୂର୍ଣ୍ଣ ବିଭାଗ ଆଶା କରୁଥିଲେ । ଏବେ ଯେସାକୁ ତେସା ନୀତିରେ ନୀତିଶ ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଛନ୍ତି, ହେଲେ ସମ୍ପ୍ରସାରିତ ମନ୍ତ୍ରିମଣ୍ଡଳରେ ବିଜେପିର ପ୍ରତିନିଧିଙ୍କୁ ସୁଯୋଗ ମିଳିନି । କେନ୍ଦ୍ରରେ ମୋଦି ସରକାରଙ୍କ ପାଇଁ ନୀତିଶ କୁମାରଙ୍କର ଏହା ହେଉଛି ଜବାବ । ଯଦିଓ ବିହାରରେ ବିଜେପି ଓ ଜେଡିୟୁ ମେଣ୍ଟରେ କୈଣସି ଫାଟ ସୃଷ୍ଟି ହୋଇନି ଏବଂ ଦୁଇ ଦଳ ମଧ୍ୟରେ ସମ୍ପର୍କ ଅତୁଟ ରହିଛି ବୋଲି ଉଭୟ ଦଳ ପକ୍ଷରୁ ଦାବି କରାଯାଉଛି, କିନ୍ତୁ ରାଜନୈତିକ ସମୀକ୍ଷକମାନେ ଏହାକୁ ହାଲୁକା ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାଁନ୍ତି । ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଦୁଇ ଦଳ ମଧ୍ୟରେ ଏଭଳି ମନ ଫଟାଫଟି କଦାପି ଭଲ ଲକ୍ଷଣ ନୁହେଁ । ଅବଶ୍ୟ ଏବେ ବିହାରରେ ବିଜେପିର ହାତ ଛାଡ଼ି ପୁଣି ଆରଜେଡି ସହ ହାତ ମିଳାଇବା ନୀତିଶଙ୍କ ପାଇଁ ଅସମ୍ଭବ । ଏହାର ପରିଣାମ ନୀତିଶଙ୍କ ବିରୋଧରେ ଯିବ । ଚତୁର ନୀତିଶ ଏହାକୁ ଭଲଭାବେ ଅନୁଭବ କରିଥିବେ । ତେଣୁ ଅନ୍ତତଃପକ୍ଷେ ଆସନ୍ତା ବିଧାନସଭା ନିର୍ବାଚନ ପୂର୍ବରୁ ନୀତିଶ କିଛି ତରବରିଆ ନିଷ୍ପତ୍ତି ନେବେ ନାହିଁ ବୋଲି ଆଶା ।

# ଅପରାଜେୟ ନନ୍ଦିନୀ

## ଡ଼ଃ.ଅରୁନ୍ଧତୀ ଦେବୀ

ଜୁନ ୯, ୧୯୩୧ ମସିହାରେ କଟକ ପିଠାପୁରରେ ଜନ୍ମ ଗ୍ରହଣ ଓ ପିଲାଦିନ କଟିଥିଲା ତାଙ୍କର । ଛାତ୍ର ଜୀବନରୁ ଦେଶକଥା ଭାବୁଥିଲେ । ଅନ୍ୟାୟ ଅତ୍ୟାଚାର ହେଉକି ବ୍ରିଟିଶ ଶାସନର ଶୋଷଣକଷଣ ସବୁଠି ଶୁଭୁଥିଲା ତାଙ୍କ ସ୍ୱର । ସେ ହେଉଛନ୍ତି ଅପରାଜେୟ ନନ୍ଦିନୀ । ମାଟିର ନନ୍ଦିନୀ, ଅଗ୍ନିକନ୍ୟା ନନ୍ଦିନୀ । ଦେଶର ଦ୍ୱିତୀୟ ଓ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ । ନିର୍ଭିକତା, ସାହସିକତା, ଦାମ୍ଭିକତା ଓ ସ୍ୱଷ୍ଟବାଦିତା ଥିଲା ତାଙ୍କ ସମଗ୍ର ଜୀବନର ଅଂଶବିଶେଷ । ସାଲିସ୍ ବିହିନ ରାଜନୀତି, କାଳଜୟୀ ସାହିତ୍ୟ, ସମାଜସେବା ଓ ଓଡ଼ିଆ ସାମ୍ବାଦିକତା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସେ ଓଡ଼ିଶା ଜନମାନସରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି । ବାପା କାଳନ୍ଦୀଚରଣ ପାଣିଗ୍ରାହୀ ଓ କକା ଭାଗବତୀ ଚରଣ ପାଣିଗ୍ରାହୀଙ୍କ ସାହିତ୍ୟ ଓ ରାଜନୀତି ପିଲାଟି ଦିନରୁ ନନ୍ଦିନୀଙ୍କୁ ପ୍ରଭାବିତ କରିଥିଲା । ଭାଗବତୀ ଚରଣ ଓଡ଼ିଶାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ଥିଲେ । ୧୯୫୧ ମସିହାରେ ନନ୍ଦିନୀ ରେଭେନ୍ସା କଲେଜରୁ ଓଡ଼ିଆରେ ଏମ୍ଏ ପାସ କଲାପରେ କମ୍ୟୁନିଷ୍ଟ ପାର୍ଟିର ଛାତ୍ର ଶାଖା ସକ୍ରିୟ ସାମିଲ ଥିଲେ । ତାଙ୍କ ନେତୃତ୍ୱରେ କଲେଜରେ ଫି ବୃଦ୍ଧି ବିରୋଧରେ ଆନ୍ଦୋଳନ ପରବର୍ତ୍ତୀ ସମୟରେ ଜାତୀୟ ଯୁବ ଆନ୍ଦୋଳନର ସୂତ୍ରପାତ କରିଥିଲା । ପୋଲିସ୍ ଲାଠି ଚାର୍ଜ ଓ ଜେଲକୁ ଖାତିର ନଥିଲା ତାଙ୍କର । ଜେଲ୍‌ରେ ବନ୍ଦୀଥିବା ଛାତ୍ର ସଂଘ ନେତା ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରିଥିଲେ । ୧୯୬୨ ମସିହାରେ ସଂଖ୍ୟାଗରିଷ୍ଠ କଂଗ୍ରେସ ପାର୍ଟି ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲା । ସେତେବେଳେ ଜାତୀୟ ରାଜନୀତିରେ ମହିଳା ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯାଉଥିଲା । ବିଜୁ ବାବୁ ନନ୍ଦିନୀ ଦେବୀଙ୍କୁ ପ୍ରଥମ କରି ରାଜ୍ୟସଭାକୁ ପଠାଇଥିଲେ । ନନ୍ଦିନୀଙ୍କ କାର୍ଯ୍ୟଦକ୍ଷତାକୁ ଇନ୍ଦିରା ଗାନ୍ଧୀ ପ୍ରଶଂସା କରିବା ସହିତ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ମନ୍ତ୍ରୀ ଭାବେ ଦାୟିତ୍ୱ ଦେଇଥିଲେ । ୧୯୭୨ରେ ସୂଚନା ଓ ପ୍ରସାରଣ ଉପମନ୍ତ୍ରୀ ଥିବାବେଳେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ଓଡ଼ିଶା ରାଜନୀତିରେ ନୂଆ ଯୁଗ ଆରମ୍ଭ କରିଥିଲେ । କମ୍ୟୁନିଷ୍ଟ ପାର୍ଟି ଛାଡ଼ି କଂଗ୍ରେସରୁ ରାଜ୍ୟ ସଭାକୁ ଯାଇଥିବା ବାମପନ୍ଥୀଙ୍କ ନିକଟରେ ସମାଲୋଚନାର ଶରବ୍ୟ ନନ୍ଦିନୀଙ୍କ ଶାସନ କାଳରେ ଭୂସଂସ୍କାର ଆଇନ ପ୍ରଣୟନ ଏକ ଯୁଗାନ୍ତକାରୀ ପଦକ୍ଷେପ । ଭୂସଂସ୍କାର ଆଇନ ବାମପନ୍ଥୀଙ୍କ ମୁହଁ ଚୁପ୍ କରି ଦେଇଥିଲା । ନନ୍ଦିନୀ କଂଗ୍ରେସକୁ ଯାଇନଥିଲେ, ଏଭଳି ଆଇନ ସମ୍ଭବ ହୋଇନଥାନ୍ତା ବୋଲି ବାମପନ୍ଥୀମାନେ ପ୍ରଶଂସା କରି କୁହନ୍ତି । ବେକାର ଯୁବତୀ ଯୁବକମାନଙ୍କ ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ଋଣ ପ୍ରଦାନ ବ୍ୟବସ୍ଥାର ପ୍ରଚଳନ କରିଥିଲେ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଢ଼େଙ୍କାନାଳର ଗୋବିନ୍ଦପୁର ସମବାୟ ସୂତାକଳ ଠାରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଅନେକ ଛୋଟ ବଡ଼ ଶିଳ୍ପ ସଂସ୍ଥା ଗଢ଼ି ଉଠିଥିଲା । ଶିକ୍ଷକମାନଙ୍କ ନିୟମିତ ଦରମା ଓ ରେଗୁଲାର କରିବା, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ଓ ଅର୍ଥନୈତିକ ପ୍ରଗତିରେ ଗରିବ ଓ ମହିଳା ଲୋକେ ଯୋଗଦାନ ଉପରେ ଗୁରୁତ୍ୱ ଥିଲା ।

ରାଜନୀତିରେ ଅପରାଜେୟ ଥିଲେ ନନ୍ଦିନୀ । କୌଣସି ନିର୍ବାଚନରେ ସେ ହାରି ନାହାନ୍ତି । ୧୯୬୨ ଓ ୧୯୬୮ ଦୁଇଥର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ୧୯୭୨ରେ କଟକ ସଦର, ୧୯୭୭, ୧୯୮୦, ୧୯୮୫ରେ ଢ଼େଙ୍କାନାଳ ସଦର ଓ ୧୯୯୦, ୧୯୯୫ରେ ଗଁଦିଆରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଦଳ ଓ ଚିହ୍ନ ତାଙ୍କୁ ଭୋଟ ରାଜନୀତିରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ । ୨୦୦୦ ନିର୍ବାଚନରେ ବୟସାଧିକ କାରଣରୁ ନିର୍ବାଚନ ଲଢ଼ିବାକୁ ଆଗ୍ରହ ଦେଖାଇ ନଥିଲେ । ୧୯୭୫ ଜୁନ୍ ୨୫ରୁ ୨୧ ମାର୍ଚ୍ଚ ୧୯୭୭ ଦେଶରେ ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତିରେ ନନ୍ଦିନୀ ଦେବୀ ନବକୃଷ୍ଣ ଚୌଧୁରୀ, ରାମାଦେବୀଙ୍କ ସମେତ ଅନେକ ଆନ୍ଦୋଳନକାରୀଙ୍କୁ ଜେଲରେ ଭର୍ତ୍ତି କରି ଇନ୍ଦିରା ଗାନ୍ଧୀଙ୍କ ନୀତି କାର୍ଯ୍ୟକାରୀ କରିଥିଲେ । ମୁଖ୍ୟମନ୍ତ୍ରୀ ପଦମର୍ଯ୍ୟାଦାକୁ ରକ୍ଷା କରି ପୁତ୍ରତୁଲ୍ୟ ସଞ୍ଜୟ ଗାନ୍ଧୀଙ୍କୁ ଭୁବନେଶ୍ୱର ଏୟାରପୋର୍ଟରେ ସ୍ୱାଗତ କରିବାକୁ ନାପସନ୍ଦ କରିବା ନେଇ ତାଙ୍କ ନାମରେ ଚର୍ଚ୍ଚା । ଏବେ ବି ଜନମାନସରେ ରହିଛି । ଏହି ଘଟଣା ଓ ଜରୁରୀ ପରିସ୍ଥିତିକୁ ନେଇ ସେ କଂଗ୍ରେସ ହାଇକମାଣ୍ଡଙ୍କ ସମାଲୋଚନା କରି ଜଗଜୀବନରାମ ଓ ହେମାବତୀ ନନ୍ଦନ ବହୁଗୁଣାଙ୍କ କଂଗ୍ରେସ ଫର ଡେମୋକ୍ରାସୀରେ ଯୋଗ ଦେଇଥିଲେ । ଏଥିରେ ସେ ବେଶୀ ଦିନ ରହିପାରି ନଥିଲେ । ତାଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା ଆଞ୍ଚଳିକ ଦଳ ଜାଗ୍ରତ ଓଡ଼ିଶା । ୧୯୮୦ ଓ ୧୯୮୫ ସେ ଜାଗ୍ରତ ଓଡ଼ିଶା ପାର୍ଟିରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପୁନଶ୍ଚ କଂଗ୍ରେସକୁ ଫେରିବା ପାଇଁ ରାଜୀବ ଗାନ୍ଧୀଙ୍କ ଅନୁରୋଧ ରକ୍ଷା କରି ୧୯୮୯ରେ କଂଗ୍ରେସରେ ପୁନଃ ସାମିଲ ହୋଇ ଶେଷ ପର୍ଯ୍ୟନ୍ତ ରହିଥିଲେ । ରାଜନୀତି ଅପରାଜେୟ ନନ୍ଦିନୀ ସାହିତ୍ୟରେ କାଳଜୟୀ ରଚନା ସୃଷ୍ଟି କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ତସ୍‌ଲିମା ନସରିନ୍‌ଙ୍କ ଲଜ୍ଜା ଉପନ୍ୟାସକୁ ଓଡ଼ିଆ ଅନୁବାଦ ତାଙ୍କର ଶେଷ ସାହିତ୍ୟ ସୃଷ୍ଟି । ୧୯୯୮ରେ ଉଚ୍ଚକୋଟିର ସାହିତ୍ୟ ସୃଷ୍ଟି ପାଇଁ ସାହିତ୍ୟ ଭାରତୀ ସମ୍ମାନ ପାଇଛନ୍ତି । ସାହିତ୍ୟ ସହିତ ସାମ୍ବାଦିକତା ପ୍ରତି ତାଙ୍କର ବିଶେଷ ରୁଚି ଥିଲା । ତାଙ୍କ ପ୍ରତିଷ୍ଠିତ ଧରିତ୍ରୀ ଖବର କାଗଜରେ ସମ୍ପାଦକୀୟ ପୃଷ୍ଠା ସହ ପ୍ରତିବାରରେ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରି ସାମ୍ବାଦିକତାରେ ପରିବର୍ତ୍ତନ ବାର୍ତ୍ତା ଦେଇଥିଲେ । ଧରିତ୍ରୀରେ ନିଜେ ପ୍ରତି ଗୁରୁବାର ଦିନ ଛଦ୍ମନାମ ବେଲାଳ ସେନ ସ୍ତମ୍ଭରେ ନିର୍ଭୀକ ଲେଖନୀ ଚାଳନା କରି ଓଡ଼ିଆ ସାମ୍ବାଦିକତାରେ ନୂତନ ଫର୍ଦ୍ଦ ଯୋଡ଼ିଥିଲେ । ସର୍ବଦା ସକାରାତ୍ମକ ଚିନ୍ତାଧାରା ପ୍ରତୀକ ଏହି ମହାନ ଜନନାୟିକା, ପ୍ରତିଥଯଶା ଲେଖିକା ଓ ସାମ୍ବାଦିକଙ୍କ ଜନ୍ମଜୟନ୍ତୀ ଜାଗ୍ରତ ଓଡ଼ିଶା ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛି ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, : ୯୯୩୭୧୭୨୮୧୦*

# ଜନଯନ୍ତ୍ରଣାରେ ଜର୍ଜରିତ ଜଗନ୍ନାଥଧାମ

## ମାୟାଧର ନାୟକ

ଶହଶହ ବର୍ଷ ଧରି ଧର୍ମପ୍ରାଣ ଓଡିଆମାନଙ୍କର ଗୋଟିଏ ବଦ୍ଧମୂଳ ବିଶ୍ୱାସ ଯେ ସାରା ସଂସାର ଭାସିଗଲେ ସୁଦ୍ଧା - ପୁରୀରେ କିଛି ହବନି । ଏଠି ଜଗତର ନାଥ ଶ୍ରୀଜଗନ୍ନାଥ ଅଛନ୍ତି - ସେ ସବୁ ବିପଦରୁ ରକ୍ଷା କରିବେ । ପୁରୀକୁ ଦେଶବିଦେଶରୁ ଭକ୍ତ ପର୍ଯ୍ୟଟକମାନେ ବର୍ଷସାରା ଆତଜାତ କରନ୍ତି । ବଡଦେଉଳ, ବଡଦାଣ୍ଡରୁ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି - 'ଯେତେ ଦେଖୁଥିଲେ ନୂଆ ଦିଶୁଥାଇ' । ଏବେ କିନ୍ତୁ ସବୁ ଓଲଟପାଲଟ । ବଙ୍ଗୋପସାଗର ବକ୍ଷରୁ ମହାକାଳ ସମୁଦ୍ର ରାକ୍ଷସ 'ଫଣୀ'ର ଭୟଙ୍କର ଆକ୍ରମଣରେ ଶଙ୍ଖକ୍ଷେତ୍ର ପୁରୀ ଛିନ୍‌ଛତ୍ର, ଛାରଖାର । ପୁରୀରୁ ଆରମ୍ଭ ହୋଇଥିବା ବିପର୍ଯ୍ୟୟ ସାରାଜଗତକୁ ବ୍ୟାପି ଯିବକି ? ମାଳିକା ବଚନ 'ଉତରେ ସାଜିବ - ଦକ୍ଷିଣେ ଗାଜିବ - ପୂର୍ବେ ନ'ରହିବେ କେହି - ଛାଡବାଡ ଘେନି ଯେତେକ ରହିବେ - କୁଳକୁ ବିହନ ସେହି' କ'ଣ ସତ ହେବ? ଜଗନ୍ନାଥ କ'ଣ ଏବେ କଳ୍କୀ ଅବତାରର ପ୍ରସ୍ତୁତି ପର୍ବରେ? ଏଇଭଳି ଅନେକ ପ୍ରଶ୍ନ ଲୋକମାନସରେ ବସା ବାନ୍ଧିଲାଣି । ମାସେରୁ ବେଶି ହେଲାଣି 'ଫଣୀ'ର ପଂଝାରୁ ଏଯାବତ୍ ମୁକୁଳି ପାରିନି ପୁରୀ । ଏବେବି ଅନ୍ଧାର, ଏବେବି ଖଣ୍ଡିଆ କାନ୍ଥଗୁଡାକ ଉପରେ ଖତେଇ ହେଉଛି ମଶାଣିଚଣ୍ଡିଆ ମଲ୍ଲାଜହ୍ନ! କ୍ଷେତ, ବଗିଚା, ଗଛସବୁ ଛାରଖାର, ଗାଁଗଣ୍ଡାରେ ଜୀବନ ନାରଖାର, ପୁରୀବାସୀ ଛଟପଟ, ପଙ୍କକାଦୁଅରେ ଲଟପଟ, ଉଜୁଡା ଜୀବନର ଖଇଫୁଟା ତାତିରେ ହନ୍ତସନ୍ତ, ଅନ୍ନର ଏ ଅନବଦ୍ୟ ହଂସପୁରୀ ନିରନ୍ନ ନିପୀଡିତର ନିଶ୍ୱାସରେ ନୟାନ୍ତ ! ଭୋକିଲା-ଶୋଷିଲାଙ୍କ ପଟୁଆର, ପରିତ୍ୟକ୍ତ ପଲିଥିନ୍‌ର କୁତିଗନ୍ଧମୟ ପ୍ରଦୂଷିତ ପରିବେଶରେ ପରିଶ୍ରାନ୍ତ, ପଡିର ପୁଡିଆ : କୋଠାରୁ କୁଡିଆ, ଏସବୁ ଭିତରେ ସାମୁଦ୍ରିକ ପକ୍ଷୀପ୍ରଜାତିକୁ ଆକାଶ ହକାରୁଛି; ଏ ପଚସଢା ମାଟିପାଣି ପବନର ପରିସରରୁ ମୁକୁଳି ଉଡିଆ' ଉଡିଆ'! ପର୍ଯ୍ୟଟକଙ୍କ ପ୍ରିୟ ପୁରୀ ଆଜି ପାଲଟିଯାଇଛି ପାଂଶୁଳ ପାଟଣା! ପୁରୀ ଜିଲ୍ଲାର ୧୧ଟି ବ୍ଲକ୍‌ରେ ବିପନ୍ନଙ୍କ ବିବରଣୀ ବର୍ଣ୍ଣିବାକୁ ଭାଷାନାହିଁ । ଏବେ ପୁରୀ, ଭୁବନେଶ୍ୱରକୁ ଭୟଙ୍କର ବିପତି ମାଡିଆସୁଛି । ପାଖାପାଖି ପଚିଶ ଲକ୍ଷ ଗଛ ଉପୁଡିଛି । ବହୁ ବୃକ୍ଷର ମୂଳଅଛି - ଡାଳନାହିଁ । ଘରଭାଙ୍ଗିଛି । ରାସ୍ତାତଡଲା । ଛାଇନାହିଁ । ମଣିଷ ତହଳବିକଳ - ପଶୁପକ୍ଷୀଙ୍କ ଦୟନୀୟ ଅବସ୍ଥାକୁ ପଚାରେ କିଏ? ପାଖାପାଖି ୫ଲକ୍ଷ ଲୋକ ଅମ୍ଳଜାନର ଅଭାବରେ ଅତିଷ୍ଠ । ଏଣେ ଗୁଳୁଗୁଳି ଗରମରେ ଦୁଃସହ ଦୁର୍ଦ୍ଦଶା । ବର୍ଷାପଡିଲେ ଅବସ୍ଥା ହେବ ଆହୁରି ଅସମ୍ଭାଳ । ବିପନ୍ନଙ୍କ ଆଖିରେ ଲୁହର ବନ୍ୟା । ଏଣେ ଛାଇ ଅଭାବରୁ ଅଂଶୁଘାତରେ ଆକ୍ରାନ୍ତ । ଜନସ୍ୱାସ୍ଥ୍ୟ ବିଭାଗର ପାଣି ପାଲଟିଛି ଜହର । ଜିଲ୍ଲା ସଦର ମହକୁମା ପୁରୀ ହସପିଟାଲରେ ଝାଡାବାନ୍ତି, ଜ୍ୱର ରୋଗୀଙ୍କ ସଂଖ୍ୟା ବଢିଚାଲିଛି । ସ୍ୱପ୍ନ-ସମ୍ଭାବନା ସବୁ ଚୂରମାର । ସରକାର କିଂକର୍ତବ୍ୟବିମୂଢ । ପ୍ରଥମେ ରେସନ୍‌କାର୍ଡ ହୋଲଡରଙ୍କୁ ୭୦କୋଟି ଟଙ୍କା, ପରେ ବିନା ରେସନକାର୍ଡବାଲାଙ୍କୁ ୩୦କୋଟି ଟଙ୍କା ବାଂଟିଛନ୍ତି । ଏବେବି ବିନା କାର୍ଡଧାରୀଙ୍କୁ ଚାଉଳ ଗଣ୍ଡାଏ ମିଳିଲାନାହିଁ । ଏଣେ ସପ୍ଲାଏ ଗୋଦାମରେ ଚାଉଳ ପୋକଖାଇ ଖତ ଖାଉଛି । ଜିଲ୍ଲାର ୩ଲକ୍ଷ ବିଜୁଳି ଗ୍ରାହକଙ୍କ ଘରକୁ ପ୍ରାୟ ୮୦ଭାଗ ବିଜୁଳି ଅପହଂଚ । ବହୁ ବିଦ୍ୟାଳୟ ଭାଙ୍ଗିଯାଇଛି । ଯାହାବି ଅଛି - ସେଠାରେ ବିପନ୍ନମାନେ ଆଶ୍ରୟ ନେଇଛନ୍ତି । ସ୍କୁଲ ସବୁ ଜୁନ୍ ୧୯ ତାରିଖରେ ଖୋଲିବ । ପିଲା ପଢିବେ କେଉଁଠି ? ଆଗକୁ ଜୁଲାଇ ୪ରେ ରଥଯାତ୍ରା । କୋଟିକୋଟି ଟଙ୍କାରେ ନବକଳେବରବେଳେ ନିର୍ମିତ ମାଳତୀ ପାଟପୁର ବସଷ୍ଟାଣ୍ଡ, ପୁରୀ ରେଳ ଷ୍ଟାଣ୍ଡ ଧ୍ୱସ୍ତବିଧ୍ୱସ୍ତ, ଏଣେ ହୋଟେଲ ଶିଳ୍ପ ବିପର୍ଯ୍ୟସ୍ତ । ରଥଯାତ୍ରାବେଳକୁ ୧୨-୧୪ଲକ୍ଷ ଲୋକ ଆଶ୍ରୟ ନେବେ କେଉଁଠି ? ବର୍ତମାନ କେହି କାହାକଥା ଶୁଣିବାକୁ ନାହିଁ । ସମସ୍ତେ ହାତଟେକି ଦେଉଛନ୍ତି । ଅଥଚ ଆସନ୍ନ ରଥଯାତ୍ରା ଅବକାଶରେ ପୁରୀରେ ଥାଟପଟାଳିଭଙ୍ଗା ଭକ୍ତଭିଡର ଭଉଁରୀ ସିନା ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କ ଚାରିପଟେ ଜମିଉଠିବ, ମାତ୍ର ଅନାଥ ମଣିଷ ଆଡକୁ ଅନାଉଥିବକି ଟିକିଏ ? ରକ୍ଷଲକ୍ଷ ଭକ୍ତଙ୍କ ତରଫରୁ ଜଗନ୍ନାଥଙ୍କ ପ୍ରତି କାଳକାଳ ଧରି ଜାରିରହିଆସିଥିବା ଅଟକ ନିଷ୍ଠାରୁ ଶତକଡା ୧ଭାଗ ନିଷ୍ଠା ଯଦି ପୁରୀର ଏ ଦୁର୍ଗତ ଦୁଃଖୀ ମଣିଷ ପ୍ରତି ନିବେଦିତ ହୋଇପାରନ୍ତା, ତା'ହେଲେ ଏ ବର୍ଷର ରଥଯାତ୍ରା କ'ଣ ବହୁଗୁଣିତ ଭାବରେ ପୁଣ୍ୟାର୍ଜନର ପଥନିର୍ଦ୍ଦେଶଟିଏ ପାଲଟିଯାଆନ୍ତାନାହିଁ? ରକ୍ଷଲକ୍ଷ ଭକ୍ତ ଏବେ ଶପଥ କରି ଯଦି ପ୍ରତ୍ୟେକେ ରଥଯାତ୍ରାବେଳେ ପ୍ରକୃତରେ ୫ଶହ ଟଙ୍କା ଏବଂ ବାହୁଡାବେଳେ ୫ଶହ ଟଙ୍କା ଏଇଭଳି ମାତ୍ର ୧ହଜାର ଟଙ୍କା, ପୁରୀ ବିପର୍ଯ୍ୟୟ ପାଣ୍ଠିକୁ ଅକାତରରେ ଦାନ କରିପାରନ୍ତେ, ତାହା କ'ଣ ମହାଧର୍ମର ମାନ ଅର୍ଜନ କରିପାରନ୍ତା ନାହିଁ? କେଇମୁଠା ଭିକ ମାଗିବ ପୁରୀର ଧର୍ମକ୍ଷେତ୍ର, ପୁରୀ ଆଜି ମର୍ମକ୍ଷେତ୍ର - ଏଇଠି ଏବେ ପରଖ ହେଉ ଏ ପାରଙ୍ଗମ ପଣ । ସରକାରକୁ କାହିଁକି କେଇମୁଠା ଭିକ ମାଗିବ ପୁରୀ? ଏବେବି ମଣିଷ ବଂଚିଛି ପୁରୀରେ - ବିନା ସରକାରୀ ସହାୟତାରେ । ବଂଚିଥିଲା, ବଂଚିଛି, ବଂଚିଥିବ - ମାତ୍ର ବଂଚିବାର ଏ ଅଧିକାର ଆଜି ପ୍ରଶାସନିକ ପ୍ରବଂଚନାର ଯୁପକାଷ୍ଠରେ ବଳିର ବକରି ନହେଉ, ଏହା ଆମମାନଙ୍କର ଏକମାତ୍ର ଆଜିର ଆକାଂକ୍ଷା । ଯୁଦ୍ଧକାଳୀନ ଭିତିରେ ଅସଜଡା ପୁରୀକୁ ସଜାଡିବାକୁ ହେବ । ବର୍ଷା ପୂର୍ବରୁ ମୁଣ୍ଡ ଉପରେ ଛାତ ନିହାତି ଦରକାର । ସରକାରୀ ମାଲଖାନାରେ ପଡିରହିଥିବା ରିଲିଫ୍ ସାମଗ୍ରୀକୁ ଦରକାରବେଳେ ଦିଆହେଉନାହିଁ । ତୁରନ୍ତ ବିପନ୍ନଙ୍କୁ ଥଇଥାନ କରେଇବାର ବନ୍ଦୋବସ୍ତ କରାଯାଉ । ଅତ୍ୟନ୍ତ ଆବଶ୍ୟକ ବିଜୁଳି ପାଣି ଯୋଗାଯାଉ । ସ୍ଥାନୀୟ ପ୍ରଶାସନ ସ୍ୱେଚ୍ଛାସେବୀମାନଙ୍କୁ ବିଶ୍ୱାସକୁ ନେଇ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ କରନ୍ତୁ । ପୁରୀ ଗଜପତି ଏ ଦାରୁଣ ବିପତିବେଳେ ଲୋକଙ୍କ ସହିତ ରହି ସରକାରଙ୍କୁ ତାଗିଦ୍ କରିବାପାଇଁ ସର୍ବଭାରତୀୟ ଆଜାଦୀ ଠେଙ୍ଗାବାହିନୀ ପକ୍ଷରୁ ଗତ ୨୭ ତାରିଖ 'ମଣିମା ଶୁଣିମା ହେଉ' ନିବେଦନ ପତ୍ର ଦିଆଯାଇଥିଲା । ଏଥିପ୍ରତି ଗଜପତି ମହୋଦୟ ତୁରନ୍ତ ଦୃଷ୍ଟି ଦିଅନ୍ତୁ । ପୁଣି ଜୁନ୍ ୫ ତାରିଖ କାଳବୈଶାଖୀରେ ପୁରୀ ଛିନ୍‌ଛତ୍ର ହୋଇଗଲା । ସାମାନ୍ୟ ସଜଡା ଘରକୁ, ଦୋକାନବଜାରକୁ ଅସଜଡା କରିଦେଲା । ସାମାନ୍ୟ ପବନ ବୋହିଲେ ବିପନ୍ନମାନେ ଭୟରେ ଥରହର । ଏମିତି ତହଳବିକଳ କେବେ ପୁରୀବାସୀ ତାଙ୍କ ଜୀବନକାଳ ମଧ୍ୟରେ ହୋଇନଥିଲେ । ଖାଲି ଆମେ ଖବରକାଗଜରେ କୋଟିକୋଟି ଟଙ୍କା କୁବେର କମ୍ପାନୀମାନେ ଦେଉଛନ୍ତି - କେନ୍ଦ୍ର ଆହୁରି କୋଟିକୋଟି ପୁରେଇଦେବ । କିନ୍ତୁ ପୁରୀର ଖସିପଡିଥିବା ଦଧିନଉତି ପାଇଁ ଏ ଶାସନ ଓ ପ୍ରଶାସନର ହାତ ଲମ୍ବିଆସିବା ଦୂରେଥାଉ, ଚାଲିଛି କେବଳ ନୂଆ ମନ୍ତ୍ରୀମଣ୍ଡଳର ଚର୍ଚ୍ଚା ପରିଚର୍ଚ୍ଚା । ଆଜି ଓଡିଶାର ପୁରୀ ପାଇଁ ମଣିଷ ବଡ ନା ମଣିମା ବଡ, ନା ମନ୍ତ୍ରୀ ବଡ, କିଏ ବଡ? ଏ ପ୍ରଶ୍ନ ଚାବୁକ୍ ମାରିଲା ପରି ଚେତନା ଉପରେ ଛାପ ଛାଡିଯାଉଛି । ଆଉ କେତେ ପାପ କଲେ ଏ ସମାଜପତିମାନଙ୍କର ପ୍ରାୟଶ୍ଚିତର କଥା ମନେପଡିବ । ଅଭୁକ୍ତ ମୁହଁକୁ ଅଖାଦ୍ୟ, ଆର୍ତଶୋଷିତ ମୁହଁକୁ ଅନୁପଯୁକ୍ତ ପାନୀୟଜଳ, ଏବେ ପୁରୀରେ ବହୁ ଦୁରାରୋଗ୍ୟ ବ୍ୟାଧି ଉପଜାଇବାର ଆଂଶଙ୍କା ସୃଷ୍ଟିକଲାଣି । ଆଗପରି ସମୁଦ୍ରକୂଳରେ ଆଉ ସେ ସୁଖକର ସାନ୍ଧ୍ୟଭ୍ରମଣ ନାହିଁ କି ଜହ୍ନରାତିକୁ ଉପଭୋଗ କରିବାର ଆଗ୍ରହ ନାହିଁ । ସଚିବାଳୟର ଶୀତତାପ ନିୟନ୍ତ୍ରିତ କୋଠରିଗୁଡିକରେ ଆଉ ଘଂଟାଘଂଟା ନବସି କିଛିଦିନ ପାଇଁ ମନ୍ତ୍ରୀ ଅଫିସରମାନେ ପୁରୀର ଧ୍ୱସ୍ତବିଧ୍ୱସ୍ତ ଧୂସର ପୁରପଲ୍ଲୀରେ ଅନ୍ତତଃ କିଛିଦିନ ପାଇଁ ପାଦରେ ଚାଲିଚାଲି ଗସ୍ତ କରନ୍ତୁ ଏବଂ ଅସ୍ତବ୍ୟସ୍ତ ଜନଜୀବନର ତାପମାତ୍ରା ଆନ୍ତରିକତାର ସହିତ ପରିମାପ କରନ୍ତୁ । ପୁରୀର ପାରଦ ବଢୁଛି କି ଖସୁଛି - ଏ ଅନୁଭୂତି ସେମାନେ ନିଜପାଇଁ ନିଜେ ଅଙ୍ଗଲିଭା କରିପାରିଲେ ହିଁ ଖବରକାଗଜର ହରଫ୍‌ରେ କି ହେଲିକେପ୍ଟରର ଖୋଲାଝିଡିକିରେ ଆଉ କ୍ଷୟକ୍ଷତିର ମାନଚିତ୍ରକୁ ଠଉରାଇବାର ଆବଶ୍ୟକତା ପଡିବନାହିଁ । ସରକାର ମଣିଷମାନଙ୍କର ମୂଲ୍ୟ ବୁଝନ୍ତୁ । ମାଟିର ସତ୍ୟ ହୃଦୟଙ୍ଗମ କରନ୍ତୁ । ଆଜିର ଏ ଦାରୁଣ ଦୁର୍ଗତିବେଳେ ବୁଝିବିଚାରି ଯଥାଶୀଘ୍ର ବିହିତ ପଦକ୍ଷେପ ନିଅନ୍ତୁ । ନହେଲେ ନେଡିଗୁଡ କହୁଣୀକୁ ବୋହିଗଲାବେଳକୁ କୋଟିକୋଟି ଟଙ୍କାର ଦାନଅନୁଦାନ ଆସି ରାଜକୋଷରେ ଯେତେ ଠୁଳ ହେଲେବି ଦୁର୍ଗତ ମଣିଷର କୋଉ କାମରେ ବି ଲାଗିବନି । ମଣିଷକୁ ଏ ଯେଉଁ ହାତ ମିଳିଛି - ଏ ହାତ ଦାନୀଅନୁଦାନୀ ମାନଙ୍କ ଆଗରେ ପାପୁଲି ପତେଇବାକୁ ମୋଟେ ମିଳିନାହିଁ । ବରଂ ଏ ହାତ ନିଜର ହକ୍ ଅସୁଲ କରିବାପାଇଁ, ବଦ୍ଧମୁଷ୍ଟି ସହିତ ଆକାଶ ଆଡକୁ ଉତରିତ ହେବା ଲକ୍ଷରେ ହିଁ ସଂକଳ୍ପବଦ୍ଧ ହେବା ଏକାନ୍ତ ବାଂଛନିୟ । ଆଜି ଆଉ ମୁଣ୍ଡରେ ହାତଦେଇ ବସିବାର ବେଳ ଇଏ ନୁହେଁ - ଇଏ ଆପଣାର ଅଧିକାର ଛିଣ୍ଡେଇ ଆଣିବାର ଅସଲ ବେଳ । ଆଦିଶଙ୍କରାଚାର୍ଯ୍ୟ ଅତିତରେ ସମଗ୍ର ଭାରତବର୍ଷର ସାଂସ୍କୃତିକ ଅଭ୍ୟୁତ୍ଥାନ ସଂକଳ୍ପରେ ଯେଉଁ ଚାରିଗୋଟି ଆଧାତ୍ମିକ ରାଜଧାନୀ ପ୍ରତିଷ୍ଠାକରି ମହାଚେତନାର ଚତୁର୍ଧାମ ସୃଷ୍ଟି କରିଥିଲେ - ତନ୍ମଧ୍ୟରୁ ଜଗନ୍ନାଥଧାମ ପୁରୀ ହେଉଛି ଏକତମ ଅନନ୍ୟ ତୀର୍ଥଭୂମି । ଆଜି ଏଇ ଜଗନ୍ନାଥଧାମ କିନ୍ତୁ ଜନଯନ୍ତ୍ରଣାର ଜଘନ୍ୟତାରେ ଜର୍ଜରିତ । ଶଙ୍ଖକ୍ଷେତ୍ର ନାମରେ ସୁବିଧିତ ଏ ଶ୍ରୀକ୍ଷେତ୍ର ଜୈନ-ବୌଦ୍ଧ-ହିନ୍ଦୁ-ଶିଖ-ମୁସଲିମ-ଖ୍ରିସ୍ତାନୀ-ବହୁ ସାଧୁସନ୍ଥଙ୍କ ଚେତନାର ଚୁମ୍ବକିୟ କ୍ଷେତ୍ରଟିଏ । ଏ କ୍ଷେତ୍ରରେ ଯୀଶୁଙ୍କର କିୟତ୍‌କାଳ ରହସ୍ୟାବୃତ ରହଣୀ ବାବଦରେ ମଧ ଗବେଷକୀୟ ସୂଚନା ଆମେ ପ୍ରାପ୍ତ ହୋଇଛୁ । କବୀର-ନାନକ-ଶ୍ରୀଚୈତନ୍ୟଙ୍କ ଠାରୁ ଆରମ୍ଭକରି ସାଲବେଗଙ୍କ ଯାଏଁ କେତେକିଏ ମୁଖର ନହୋଇଛନ୍ତି ଏହି ଶଙ୍ଖକ୍ଷେତ୍ରର ସ୍ତୁତିବର୍ଣ୍ଣନାରେ ? ଏ ଭୂମିର ଭୂମାଚେତନା ତ ବେଦନାକୁ କରିଛି ବେଦମନ୍ତ୍ର - ଏ ମାଟିର ମହିମହିମା ତ ମର୍ମମନ୍ଥନକୁ ବି କରିଛି ମହାକାବ୍ୟ । ଇତିହାସର ଅପହରଣ - ଅବଲୁଣ୍ଠନ - ଅପରାଧ କ'ଣ ଧର୍ମସଂସ୍କୃତିର ସୁଦର୍ଶନଚକ୍ରୀ ଶ୍ରୀଜଗନ୍ନାଥଙ୍କୁ କସମିନ୍‌କାଳେ ବିସ୍ଥାପିତ କରିପାରିଛି ଶ୍ରୀମନ୍ଦିରରୁ ? ବିଶ୍ୱାବସୁ ଓ ବିଶର ମହାନ୍ତିମାନଙ୍କ ଠାରୁ ଦାଶିଆବାଉରି ଓ ଦଇତାପତିମାନଙ୍କ ପର୍ଯ୍ୟନ୍ତ ପ୍ରମପ୍ରସାରିତ ଏ ପୁରୀ, କିନ୍ତୁ ମାତ୍ର କେଇ ଘଡିର ଫଣୀ-ଫୁତ୍‌କାରରେ କାହିଁକି ହଜାଇବସିଛି ତା'ପତିତପାବନ ପରମ୍ପରାର ପତିଆରା? ଶଙ୍ଖକ୍ଷେତ୍ର ପୁରୀରେ କ'ଣ କେହି କେବେ ଆନ୍ତରିକତାର ସହିତ ଜବାବସୁଆଲ କରିବେନି ଶାମୁକାଏ ସ୍ୱପ୍ନ ପାଇଁ ରାତି କାହିଁ ? ପୁରୀକୁ କେବେ ପୁଣି ଶୁଭିବ ସେଇ ସତ୍ୟବଚନ ସନ୍ଥବଚନ - ଧନ୍ୟଧନ୍ୟ? ପୁରୀରେ କେବେ ବାଜିବ ଜୀବନଯୁଦ୍ଧର ପାଂଚଜନ୍ୟ!

*ଯାଜପୁର ରୋଡ, ଯାଜପୁର ମୋ : ୯୮୬୧୦୩୪୧୬୩*



### ପଚ୍ଚାମୁଣ୍ଡାଇ କଲେଜର ନାକ ଓ ସ୍ୱର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

# ଶିକ୍ଷା ବ୍ୟବସ୍ଥା ଭୁଷୁଡିଲେ ଦେଶ ବିକାଶର କଣ୍ଠରୋଧ ହେବ

**ପଚ୍ଚାମୁଣ୍ଡାଇ,୮।୬(ନିପ୍ର):** ଶିକ୍ଷା ଦେଶ ବିକାଶର ଚାବିକାଠି ହୋଇଥିବାରୁ ଶିକ୍ଷା ବ୍ୟବସ୍ଥା ଭୁଷୁଡିଲେ ଦେଶ ବିକାଶର କଣ୍ଠରୋଧ ହେବ ବୋଲି ଆଜି ପଚ୍ଚାମୁଣ୍ଡାଇ କଲେଜ ନାକ ଓ ସ୍ୱର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଯୋଗ ଦେଇ ବକ୍ତାମାନେ ପ୍ରକାଶ କରିଛନ୍ତି । ପଚ୍ଚାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ପୌରହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦେଶର ଭବିଷ୍ୟତ ଗଢୁଥିବା ଶିକ୍ଷାର ମହାନ ମନ୍ଦିର ମହାବିଦ୍ୟାଳୟ ଗୁଡିକ ରାଜନୀତିର ପଙ୍କିଳତାରୁ ଉର୍ଦ୍ଧ୍ୱରେ ରହିବା ଉଚିତ । ପଚ୍ଚାମୁଣ୍ଡାଇର ଐତିହ୍ୟ, ପରମ୍ପରା ଓ ଗୌରବର ମୂକସାକ୍ଷୀ ପଚ୍ଚାମୁଣ୍ଡାଇ କଲେଜ ବିକାଶର ଶୀର୍ଷରେ ପହଁଞ୍ଚିଲେ ଆମ ଅଞ୍ଚଳର ଭବିଷ୍ୟତ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇବା ସହିତ ଅଞ୍ଚଳ ବିକାଶର ସାରଥୀ ହୋଇପାରିବେ । ଶୈକ୍ଷିକ ପରିବେଶରୁ ଆସିଥିବାରୁ ପଚ୍ଚାମୁଣ୍ଡାଇ କଲେଜର ଭିତିଭୂମିର ବିକାଶ କରି ନାକ, ରୁସା ଓ



ଅନ୍ୟାନ୍ୟ ସରକାରୀ ଅନୁଦାନ ହାସଲ ପାଇଁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେବା ସହ ସବୁବର୍ଗର ଲୋକମାନେ କଲେଜ ବିକାଶ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ପଚ୍ଚାମୁଣ୍ଡାଇ କଲେଜର ଛାତ୍ରମାନେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବାରୁ ଆଲୁମିନା କମିଟିକୁ ପରିବ୍ୟାପ୍ତ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ସମସ୍ତ କୃତି ପୁରାତନ ଛାତ୍ରଛାତ୍ରୀ, କଲେଜ ପରିଚାଳନା କମିଟି , ଶିକ୍ଷାବିତ ଓ ବୁଦ୍ଧିଜୀବି ମାନଙ୍କ ସହଯୋଗରେ କଲେଜ ବିକାଶ ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପରାର୍ମଶ ଦେଇଥିଲେ । କଲେଜର ବିକାଶ ପାଇଁ ସରକାରୀ ସ୍ତରରେ ସମସ୍ତ ଉଦ୍ୟମ କରିବାକୁ ନବନିର୍ବାଚିତ ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ଶ୍ରୀସାହୁ ଘୋଷଣା କରିଥିଲେ । ଏହି ବୈଠକରେ ଶିକ୍ଷାବିତ ପ୍ରଫେସର ଦୂର୍ଯ୍ୟୋଧନ ପରିଡା, କଲେଜର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୂର୍ଯ୍ୟୋଧନ ପରିଡା, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ, ରାଜନଗର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପରିକ୍ଷିତ ପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଭରତ ଚନ୍ଦ୍ର ପାତ୍ର , ପ୍ରଫେସର କେଶବ ଚରଣ କୁଣ୍ଡୁ, ପ୍ରଧାପକ ଅଲେଖ ଚନ୍ଦ୍ର ମହାନ୍ତି, ପ୍ରଧାପକ ବିଜୟ କୁମାର ମହାନ୍ତି, ପ୍ରଧାପକ ଡ. ନୀଳମଣି ଲେଙ୍କା, ପ୍ରଧାପକ ରଞ୍ଜିତ ସେନାପତି, ପ୍ରଧାପକ ଡ. ପ୍ରମୋଦ ସାମଲ, ପ୍ରଧାପକ ସଞ୍ଜିବ କୁମାର ଦାଶ, ପ୍ରଧାପକ ଡ. ରମେଶ କୁମାର ସାହୁ, ପ୍ରଧାପକ ଡ. ଦୁଃଶାସନ ପରିଡା, ପ୍ରଧାପକ ଡ. ପ୍ରମୋଦ କୁମାର ସ୍ୱାଇଁ, ପ୍ରଧାପକ ରବିନ୍ଦ୍ର କୁମାର ପଣ୍ଡା, ପଚ୍ଚାମୁଣ୍ଡାଇ କଲେଜ ଆଲୁମିନା ସଂପାଦକ ଗୋପିନାଥ ତ୍ରିପାଠୀ, ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁ, ସାମ୍ବାଦିକ ପତିତପାବନ ଭଦ୍ର, ଶିକ୍ଷାବିତ ରାଜେନ୍ଦ୍ର କୁମାର ଦାଶ, ଗାଳ୍ପିକ ପ୍ରଦୀପ ନାୟକ ପ୍ରମୁଖ ଭାଷଣ ଦେଇ ପଚ୍ଚାମୁଣ୍ଡାଇ ଅଞ୍ଚଳର ଗୌରବ ପଚ୍ଚାମୁଣ୍ଡାଇ କଲେଜର ବିକାଶକୁ ତ୍ୱରାନ୍ୱିତ କରି ଓଡିଶାର ଏକ ଅଗ୍ରଣୀ କଲେଜରେ ପରିଣତ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କଲେଜର ଛାତ୍ର ନିରଞ୍ଜନ ତ୍ରିପାଠୀ ଆମେରିକା ୟୁଏନଟି ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଓ ଦିପ୍ତି ନାୟକ ରୁରକି ବିଶ୍ୱବିଦ୍ୟାଳୟର ପ୍ରଫେସର ଭାବେ କାର୍ଯ୍ୟ କରି ଅଞ୍ଚଳ, ଶିକ୍ଷାନୁଷ୍ଠାନ ଓ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । କଲେଜର ସୁବର୍ଣ୍ଣ ଜୟନ୍ତୀକୁ ସ୍ମରଣୀୟ କରିବା ଓ ନାକ ପ୍ରସ୍ତୁତି କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ କରିବା ପାଇଁ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିବାକୁ ସଭାରେ ପ୍ରକାଶ ପାଇଥିବା ମତାମତକୁ ରାଜନଗର ବିଧାୟକ ତଥା ପରିଚାଳନା କମିଟି ସଭାପତି ଶ୍ରୀସାହୁ ସମ୍ମତି ପ୍ରଦାନ କରିଥିଲେ । ଶେଷରେ ଅଧ୍ୟାପିକା ନିରୁପମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଧ୍ୟାପକ ରଞ୍ଜିତ ସେନାପତି, ପ୍ରଧ୍ୟାପକ ଡ. ପ୍ରମୋଦ ସାମଲ, ପ୍ରଧ୍ୟାପକ ସଞ୍ଜିବ କୁମାର ଦାଶ, ପ୍ରଧ୍ୟାପକ ଡ. ରମେଶ କୁମାର ସାହୁ, ପ୍ରଧ୍ୟାପକ ଡ. ଦୁଃଶାସନ ପରିଡା, ପ୍ରଧ୍ୟାପକ ଡ. ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

# ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ରାଜନଗର,୮।୬(ନିପ୍ର):** ରାଜନଗର ବ୍ଲକରେ ବିଧାୟକ ଧୃବ ସାହୁଙ୍କୁ ଉତ୍ସର୍ଜିତ ସମ୍ବର୍ଦ୍ଧନା ଦିଆଯାଇଛି । ଶନିବାର ଅପରାହ୍ନରେ ବିଧାୟକ ଶ୍ରୀ ସାହୁ ତାଙ୍କ ପ୍ରଥମ ଗ୍ରସ୍ତରେ ଗୁପ୍ତି ଓ ସାତଭାୟା ପଚାଂୟତ ଗସ୍ତ କରିଥିଲେ । ଗୁପ୍ତି ପଚାଂୟତର ଦେବେନ୍ଦ୍ରନାରାୟଣପୁର ଗ୍ରାମରେ ଜଗବନ୍ଧୁ ବୈଦ୍ୟଙ୍କ ଘରେ ପହଂଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ସମସ୍ତ ସହାୟତା ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ବିଭିନ୍ନ ଛକ ଜାଗାମାନଙ୍କରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ସାତଭାୟା ଥଇଥାନସ୍ଥଳୀରେ ପହଂଚି ମା ପଚୁଂବରାହୀଙ୍କ ଦର୍ଶନକରି ଆର୍ଶିବାଦ ଗ୍ରହଣ କରିଥିଲେ । ସାତଭାୟାବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଥଇଥାନସ୍ଥଳୀରେ ବସବାସ କରୁଥିବା ଲୋକମାନଙ୍କ ଭଲମନ୍ଦ ପଚାରି ବୁଝିବା ସହ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକକୁମାର ପଢିହାରୀ, ଅରୁଣ ସାହୁ, ସର୍ବେଶ୍ୱର ମହାନ୍ତି, ସର୍ବେଶ୍ୱର ସାହୁ, ତ୍ରୈଲୋଚନ ରାଉତ, ଗିରିଶ ନାୟକ, ନିଗମାନନ୍ଦ ରାଉତ, ଦିବ୍ୟଲୋଚନ ରାଉତ, ରଶ୍ମିରଂଜିତା ସ୍ୱାଇଁ, ନରହରି ଜେନା, ଲରୁଣାକର ସ୍ୱାଇଁ, ରମଣୀରଂଜନ ମହାପାତ୍ର, ଜ୍ଞାନରଂଜନ ପାତ୍ର, ରୋହିତ ରାଉତ, ପ୍ରଶାନ୍ତ ବିଶ୍ୱାଳ, ବାବାଜୀ ମିଶ୍ର, ମଙ୍ଗୁଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ବିମାନବନ୍ଦରଠାରେ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

# ପର୍ଯ୍ୟଟନ ଶିଳ୍ପର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯିବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୮/୦୬(ନିପ୍ର): କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମଧ୍ୟମ ଓ ଅଣୁ କ୍ଷୁଦ୍ର ଶିଳ୍ପ ଏବଂ ମତ୍ସ୍ୟ, ପଶୁ ସମ୍ପଦ ମନ୍ତ୍ରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀ କେନ୍ଦ୍ରରେ ମନ୍ତ୍ରୀ ଭାବେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ଶପଥ ନେବା ପରେ ପ୍ରଥମ ଥର ପାଇଁ ଓଡିଶା ଆସିଛନ୍ତି । ଏହି ଅବସରରେ ରାଜ୍ୟ ବିଜେପି ପକ୍ଷରୁ ଏହି ଦୁଇ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବାଜା, ବାଣ ଏବଂ ପାରଂପରିକ ନାଚ ଗୀତ ସହ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ବିମାନବନ୍ଦରଠାରେ ସ୍ୱାଗତ କରାଯାଇଥିଲା



। ଦଳର ନେତୃବୃନ୍ଦ ପୁଷ୍ପଗୁଚ୍ଛ ଦେଇ ଦୁଇ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ପରେ ଶ୍ରୀ ପ୍ରଧାନ ଏବଂ ଶ୍ରୀ ଷଡଙ୍ଗୀ ପୁରୀ ଗ୍ରସ୍ତ କରି ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ପୁରୀ ଶ୍ରୀ ଜୀଉଙ୍କ ଦର୍ଶନ ପରେ ଦୁଇ ମନ୍ତ୍ରୀ ବାତ୍ୟା ଫନି କ୍ଷୟକ୍ଷତି ପୁନରଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ । ପୁରୀରେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଯାଇଥିବା ପର୍ଯ୍ୟଟନ ଶିଳ୍ପର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷ୍ୟରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯିବା ନେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରତିଶୃତି ଦେଇଛନ୍ତି । ଓଡିଶାକୁ ଭାରତର ଷ୍ଟିଲ ହବରେ ପରିଣତ କରାଯିବ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି କ୍ଷୁଦ୍ର ଏବଂ କୁଟୀର ଶିଳ୍ପକୁ ପୁର୍ନରୁଦ୍ଧାର କରାଯିବ । ଫନି ଦ୍ୱାରା ପ୍ରଭାବିତ ହୋଇଥିବା କ୍ଷୁଦ୍ର ଏବଂ ମଧମ ଶିଳ୍ପ ଗୁଡିକର ପୁର୍ନରୁଦ୍ଧାର କରାଯିବା ସହ ବେକାର ଯୁବକ ଯୁବତୀମାନଙ୍କୁ ପାଇଁ ନିଯୁକ୍ତି ସୃଷ୍ଟି କରାଯିବ ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ଏହି ଅବସରରେ ରାଜ୍ୟ ପ୍ରଭାରି ଶ୍ରୀ ଅରୁଣ ସିଂହ, ରାଜ୍ୟ ସଭାପତି ତଥା କଳାହାଣ୍ଡି ସାଂସଦ ଶ୍ରୀ ବସନ୍ତ ପଣ୍ଡା, ସମସ୍ତ ସାଂସଦ ଏବଂ ବିଧାୟକମାନେ ବିମାନ ବନ୍ଦର ଠାରେ ଉପସ୍ଥିତ ଥିଲେ ।

# ଯୁବଶକ୍ତି ପାଇଁ ଦିଗ୍‌ଦର୍ଶନ ନିରଞ୍ଜନ ଓ ଅନିଲ

**ତିହିଡ଼ି,୭।୬(ନିପ୍ର):** ସାଂପ୍ରତିକ ସମାଜରେ କୁହାଯାଉଛି ଆଜିର ଯୁବ ସମାଜ ପଥଭ୍ରଷ୍ଟ । ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳର ଦୁଇ ସମାଜସେବୀ ନିରଂଜନ ଓ ଅନିଲଙ୍କର କାର୍ଯ୍ୟଧାରାକୁ ଦେଖିଲେ ଏହା ଭୁଲ ବୋଲି ସାବ୍ୟସ୍ତ ହୋଇଥାଏ । ସେମାନେ ଯୁବସମାଜ ପାଇଁ ଦିଗ୍‌ଦର୍ଶନ ପାଲଟିଛନ୍ତି । ସମାଜସେବା କ୍ଷେତ୍ରରେ ତିହିଡ଼ି ଯୁବମଞ୍ଚ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ଉଭୟ ନିରଂଜନ ଓ ଅନିଲ ଏହାର ମଙ୍ଗ ଧରିଛନ୍ତି । ଅନିଲ ନାୟକ ସଂଗଠନର ସମ୍ପାଦକ ରହିଥିବା ବେଳେ ନିରଂଜନ ବାରିକ ସଂଗଠନର ସୋସିଆଲ ମିଡିଆର ସଂଯୋଜକ ଅଛନ୍ତି । ବିଭିନ୍ନ ସମୟରେ ଏହି ଯୁବକ ଦୁଇଜଣ ବହୁ ସାମାଜିକ କାର୍ଯ୍ୟକରି ତିହିଡ଼ିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଦୁର୍ଘଟଣା ସ୍ଥଳରୁ ଆହତଙ୍କୁ ଉଦ୍ଧାର



କରି ସେମାନଙ୍କର ଚିକିତ୍ସା କରିବା ଠାରୁ ଆରମ୍ଭ କରି ଚାରା ରୋପଣ, ଅଗ୍ନିବିପନ୍ନଙ୍କୁ ସହାୟତା ଓ ସର୍ବୋପରି ଦରିଦ୍ରଙ୍କୁ ସାହାଯ୍ୟ କରିବାରେ ସେମାନେ ସବୁବେଳେ ଆଗଭର ଥାଆନ୍ତି । ନିଜ ବ୍ୟବସାୟିକ ଲାଭରୁ କିଛି ଅଂଶ ସେମାନେ ସମାଜ ସେବାରେ ଖର୍ଚ୍ଚ କରିଥା'ନ୍ତି । ଏହି ଦୁଇ ଯୁବକଙ୍କର ତ୍ୟାଗ ଓ ତିତିକ୍ଷା ନିଶ୍ଚିତ ଭାବେ ଅନ୍ୟ ଯୁବକମାନଙ୍କୁ ସମାଜସେବା କରିବା ପାଇଁ ପ୍ରେରଣା ଯୋଗାଇବ ଏଥିରେ ଦ୍ୱିମତ ନାହିଁ ।

# ଜନଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର

ବାଲେଶ୍ୱର,୮/୬(ନି.ପ୍ର): ବାଲେଶ୍ୱର ପୌରପାଳିକାର ୮ନଂ ୱାର୍ଡ ଓ ୯ନଂ ୱାର୍ଡରେ ପଡିରହୁଥିବା ଅଳିଆ ଆବର୍ଜନା ଯୋଗୁଁ ୱାର୍ଡର ପରିଷ୍କାର ନହେବାକୁ ନେଇ ମୁହଁ ଖୋଲିଛନ୍ତି ବାଲେଶ୍ୱର ଜନଜାଗରଣ ମଞ୍ଚ । ଉକ୍ତ ୱାର୍ଡରେ ଆଗରୁ ଥିବା ଅଳିଆ କୁଣ୍ଡ ଭାଙ୍ଗି ଯାଇଥିବାରୁ ଅଳିଆଗୁଡିକ ସେଥିରେ ଜମା ହୋଇ ବିଚ୍ଛୁରିତ ହେବା ଯୋଗୁଁ ଅସ୍ୱସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ସ୍ୱଚ୍ଛ ଭାରତ ଅଭିଯାନରେ ୱାର୍ଡର ସ୍ୱଚ୍ଛତା ପାଇଁ ନିଯୁକ୍ତି ପାଇଥିବା ସଫେଇ କର୍ମଚାରୀମାନେ ନିୟମିତ ଆସୁନାହାନ୍ତି ଫଳରେ ରାସ୍ତାଘାଟ ନାଳ ନର୍ଦ୍ଦମା ଅଳିଆରେ ପୂର୍ଣ୍ଣ ହୋଇଯାଉଛି । ଯାହାକୁ ନେଇ ଅଞ୍ଚଳରେ ଅଶାନ୍ତି ଦେଖାଦେଇଛି । ଏପରିକି ଏହି ୱାର୍ଡରେ ଅନେକ କଚ୍ଚା ନାଳ ଅଛି ଯେଉଁଥିରେ ଠିକ୍ ଭାବେ ଜଳ ନିଷ୍କାଶନ ହୋଇପାରୁନାହିଁ । ଆଗକୁ ବର୍ଷା ଦିନ ଆସୁଥିବାରୁ ଆଗାମୀ ପରିସ୍ଥିତିକୁ ଲକ୍ଷ କରି ଜନଜାଗରଣ ମଞ୍ଚ ୱାର୍ଡର ପରିବର୍ତ୍ତନ ଆଣିବା ପାଇଁ ବାଲେଶ୍ୱର ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ଠାରେ ଦାବୀପତ୍ର ପ୍ରଦାନ କରିଛନ୍ତି । ବର୍ଷା ଦିନ ପୂର୍ବରୁ ଅଳିଆ କୁଣ୍ଡ ନିର୍ମାଣ ହେବା ସହ କଚ୍ଚା ନାଳଗୁଡିକର ମରାମତି କରିବାକୁ ସଂଘ ଦାବୀ କରିଛି ।

# ଗର୍ଡ୍ଡେଶ୍ୱର ପୀଠରେ ଶିବବିବାହ ଉତ୍ସବ ସମ୍ପନ୍ନ

ରାଜନଗର,୮।୬(ନିପ୍ର): ରାଜନଗର ବ୍ଲକ ସାନବଡଗୋପାଳପୁର ପଚାଂୟତ ଗୋସିଗାଁସ୍ଥିତ ଗର୍ଡେଶ୍ୱର ପୀଠରେ ଶିବ ବିବାହ ଉତ୍ସବ ସମ୍ପନ୍ନ ହୋଇଯାଇଛି । ଚଳିତବର୍ଷ ଏହି ପଚାଂୟତ ଜଗନ୍ନାଥପୁର ଗ୍ରାମର କାଶୀନାଥ ପ୍ରଧାନ ବରପିତା ହୋଇଥିବା ବେଳେ ନୁରୁଗାଁର ରାମଚନ୍ଦ୍ର ସ୍ୱାଇଁ କନ୍ୟାପିତା ହୋଇ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଗର୍ଡେଶ୍ୱର ପୀଠରୁ ଶୋଭାଯାତ୍ରା ବାହାରି ଗର୍ଜନପୁର,



ବାଲିଝାରୀ, ଜଗନ୍ନାଥପୁର, ତ୍ରିନାଥ ବଜାର, ସାନବଡଗୋପାଳପୁର ବଜାର ଦେଇ ନୁରୁଗାଁରେ ପହଂଚିଥିଲା । ଏହାପରେ ସୁଆଁଲୋ ଓ କୁନ୍ଦୁପୁର ଦେଇ ମନ୍ଦିରରେ ପହଂଚିଥିଲା । ଦେବ ଦମ୍ପତିଙ୍କ ନଗର ପରିକ୍ରମା କରିଛନ୍ତି । ମଦନପୁର, ଗୋପାଳପୁର, ଚମ୍ପାଦିଆ ପ୍ରଭୃତି ଗାଁ ପରିକ୍ରମା କରିଥିଲେ । ସେହିପରି ବନ୍ଧପଡା ପଚାଂୟତ ମଧପଡା ଶିବ ମନ୍ଦିରରେ ଶିବ ବିବାହ ଉତ୍ସବ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି ।

# ପି. ଜି. ଯୋଗଶିକ୍ଷା ଓ ପରୀକ୍ଷାକୁ ଓଡ଼ିଆ ମାଧ୍ୟମ କରାଯାଉ

ଭୁବନେଶ୍ୱର,୮।୬(ନି.ପ୍ର): ଇଣ୍ଡିଆନ୍ ବାସ୍ତୁ ଏକାଡେମୀ ପରିସର ମଧ୍ୟରେ ଅଧ୍ୟକ୍ଷ ଡ. ବିନୋଦ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଓ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହଯୋଗୀତାରେ ଏକ ହଠ୍ ଯୋଗ ସେମିନାର୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଯୋଗାଚାର୍ଯ୍ୟ ଡ. କେଶବ ଚନ୍ଦ୍ର ଜୟସିଂ, ଯୋଗ ଅଧ୍ୟାପିକା ଶ୍ରୀମତୀ ଇତିଶ୍ରୀ ଭୂୟାଂ, ଯୋଗାଚାର୍ଯ୍ୟ ବିଶ୍ୱଜିତ୍ ମାଝି, ଯୋଗାଚାର୍ଯ୍ୟ ଭଞ୍ଜକିଶୋର ଜତି ପ୍ରମୁଖ ଓଡ଼ିଶାର ବିଶିଷ୍ଟ ଯୋଗାଚାର୍ଯ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରି ଛାତ୍ରଛାତ୍ରୀମାନଙ୍କୁ ହଠ୍ ଯୋଗ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ । ଇଂରାଜୀ ମାଧ୍ୟମ ଯୋଗ ଶିକ୍ଷା ଓ ପରୀକ୍ଷା ସହଜସାଧ୍ୟ ହେଉନଥିବାରୁ ବିଶେଷ କରି ଓଡ଼ିଶାର ଯୋଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଯୋଗ ଶିକ୍ଷା ଓ ପରୀକ୍ଷାଗୁଡ଼ିକୁ ଓଡ଼ିଆ ମାଧ୍ୟମ କରିବାକୁ ଅଦ୍ୟ ସଭାରେ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି । ଯୋଗାଚାର୍ଯ୍ୟ ପଣ୍ଡିତ ଡ. ରମାକାନ୍ତ କର ଏହି ପ୍ରସ୍ତାବକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ତୁରନ୍ତ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଇଣ୍ଡିଆନ୍ ବାସ୍ତୁ ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ପଣ୍ଡିତ. ଡ. ସୁଧାକର ମିଶ୍ରଙ୍କୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ସମାଜସେବୀ ଆଡ୍‌ଭୋକେଟ ରମେଶ ଚନ୍ଦ୍ର ସାହୁ, ଆଡ୍‌ଭୋକେଟ୍ ବିରକିଶୋର ବାଗ୍, ବିମଳ କୁମାର ନାୟକ, ଡ. ପ୍ରଦୀପ କୁମାର ବେହେରା, ତାପସ କୁମାର ପରିଡ଼ା, ଧର୍ମେନ୍ଦ୍ର କୁମାର ପ୍ରଧାନ, ପ୍ରିୟଙ୍କା ଶର୍ମା, ଦୀପକ ରଂଜନ ବେହେରା, ଦିବ୍ୟ ରଂଜନ ମହାନ୍ତି, କୈଳାସ ଚନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅନୁଷ୍ଠାନର ସିଏଓ ଶ୍ରୀମତୀ ତପସ୍ୱିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅସାଧୁ ବ୍ୟବସାୟୀ ଓ ନେସ୍କୋ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ବେଆଇନ ବିଦ୍ୟୁତ୍ ଚୋରି

ବାରିପଦା,୮।୬(ନି.ପ୍ର): ରାଜ୍ୟ ସରକାରଙ୍କ ସହିତ ନେସ୍କୋର ଚୁକ୍ତିନାମା ଅନୁସାରେ ନେସ୍କୋ ବିଦ୍ୟୁତ ଯୋଗାଣ ସଂସ୍ଥା ମୟୂରଭଞ୍ଜ ଜିଲ୍ଲାରେ ବିଦ୍ୟୁତ୍ ସେବା ଯୋଗାଇ ଦେବାର ଦାୟୀତ୍ୱ ନେଇଛି । ଦୀର୍ଘବର୍ଷ ଧରି ନେସ୍କୋ ସଂସ୍ଥା ଏହି ଦାୟିତ୍ୱ ତୁଲାଇ ଆସୁଥିଲେ ମଧ୍ୟ ବର୍ତମାନ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ତାଙ୍କର ଆବଶ୍ୟକତା ଅନୁସାରେ ପ୍ରତ୍ୟେହ ଚବିଶ୍ ଘଣ୍ଟା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ସମର୍ଥ ହୋଇପାରିନାହିଁ । ବର୍ତମାନ ମଧ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ବହୁ ଅଂଚଳରେ ଲୋ ଭଲ୍‌ଟେଜ୍ ର ସମସ୍ୟା ଦେଖିବାକୁ ମିଳୁଥିବା ବେଳେ କେତେକ ଅଂଚଳରେ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସହିତ ବିଦ୍ୟୁତ୍ କାଟ୍ ର ସମସ୍ୟା ଲାଗି ରହିଛି । ଅଘୋଷିତ ବିଦ୍ୟୁତ୍ କାଟ୍‌ର ସମସ୍ୟା ସମଗ୍ର ଜିଲ୍ଲାର ଉପଭୋକ୍ତଙ୍କୁ ବହୁ ଅସୁବିଧାରେ ପକାଉଛି । ଏଭଳି ପରିସ୍ଥିତିରେ ମଧ ଜିଲ୍ଲାର ଆଭ୍ୟନ୍ତରିଣ ଅଂଚଳରେ ବିଦ୍ୟୁତ୍ ଚୋରି ହେଉଥିବାର ଦେଖିବାକୁ ମିଳୁଛି । କେତେକ ଅସାଧୁ ବ୍ୟକ୍ତି ବା ପରିବାର ଏବଂ ବ୍ୟବସାୟୀକ ପ୍ରତିଷ୍ଠାନ ଚୋରାରେ



ହୁକ ପକାଇ ସର୍ବଦା ଦିବାରାତ୍ର ବିଦ୍ୟୁତ୍ ବ୍ୟବହାର କରୁଥିବା ଯୋଗୁଁ ଆଖପାଖ ଅଂଚଳର ପ୍ରକୃତ ଉପଭୋକ୍ତା ମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେହି ଅଂଚଳ ଗୁଡିକରେ ଲୋ ଭୋଲ୍‌ଟେଜ୍ ସମସ୍ୟା ସହିତ ଅଭର୍ ଲୋଡିଙ୍ଗ୍ ଯୋଗୁଁ ବାରମ୍ବାର ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେଉଛି । ଏପରି କି, ଟ୍ରାନ୍ସଫରମର୍ ଗୁଡିକ ପୋଡି ଯାଉଥିବାର ମଧ ଜଣାପଡିଛି । ମିଳିଥିବା ତଥ୍ୟ ଏବଂ ଅଭିଯୋଗ ଅନୁସାରେ ସାରସକଣା ବ୍ଲକ ଅନ୍ତର୍ଗତ ଝାଡପୋଖରିଆ (ବମ୍ବେଇଛକ) ଅଂଚଳରେ ଥିବା ଏକ ଗ୍ୟାରେଜ୍ ତରଫରୁ ବେଆଇନ ଭାବରେ ହୁକ୍ ପକାଇ ଦିବାରାତ୍ର ସର୍ବଦା ବିଦ୍ୟୁତ୍ ବ୍ୟବହାର କରାଯାଉଛି । ଏହା ଏକ ବ୍ୟବସାୟିକ ସଂସ୍ଥା ଏବଂ ଏଠାରେ ବଡ ବଡ ଗାଡି ଗୁଡିକର ଯନ୍ତ୍ରାଂଶ ଗୁଡିକର ମରାମତି କରିବା ପାଇଁ ଲେଦ୍ ମେସିନ୍ ଏବଂ ୱେଲ୍ଡିଙ୍ଗ ମେସିନ ଆଦିର ବ୍ୟବହାର ହେଉଥିବା ବେଳେ ଏଥିନେଇ ବହୁତ ଅଧିକ ବିଦ୍ୟୁତ୍ ଶକ୍ତିର ବ୍ୟବହାର ମଧ ହୋଇଥାଏ । ଉକ୍ତ ଗେରେଜ୍ ର ଏପରି ବେଆଇନ ଚୋରା ବିଦ୍ୟୁତ୍ ବ୍ୟବହାର ଯୋଗୁଁ ସ୍ଥାନୀୟ ଅଂଚଳର ସାଧାରଣ ଉପଭୋକ୍ତା ମାନେ ଲୋ ଭଲ୍‌ଟେଜ୍ ଏବଂ ଘନଘନ ବିଦ୍ୟୁତ୍ କାଟ୍‌ର ସମ୍ମୁଖୀନ ହେଉଛନ୍ତି । ଏଥିନେଇ ସ୍ଥାନୀୟ ଅଂଚଳରେ ଜନଅସନ୍ତୋଷ ଦେଖାଦେଇଛି । ଉକ୍ତ ଗ୍ୟାରେଜ୍ ର ଏପରି ବେଆଇନ୍ ବିଦ୍ୟୁତ୍ ଚୋରୀରେ ଝାଡପୋଖରିଆରେ ଥିବା ନେସ୍କୋ କାର୍ଯ୍ୟାଳୟ ସମେତ କୁଳିଅଣାରେ ଥିବା ନେସ୍କୋ ସଂସ୍ଥାର ଏସ୍.ଡି.ଓ ଙ୍କ କାର୍ଯ୍ୟାଳୟ ଅବଗତ ଥିବାର ସ୍ଥାନୀୟ ଅଂଚଳର ବାସିନ୍ଦାଙ୍କ ଠାରୁ ପ୍ରକାଶ । ଏ ପରିପ୍ରେକ୍ଷୀରେ ନେସ୍କୋ କତୃପକ୍ଷଙ୍କ ନିରବତା ନେସ୍କୋ ସଂସ୍ଥାର ଅଧିକାରୀଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସମ୍ପୃକ୍ତ ଗ୍ୟାରେଜ୍ ମାଲିକ ଏବଂ ନେସ୍କୋ କର୍ମଚାରୀମାନଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଯୋଗୁଁ ଏପରି ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନେସ୍କୋ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ସ୍ଥାନୀୟ ଅଂଚଳର ବିଦ୍ୟୁତ୍ ଉପଭୋକ୍ତା ଙ୍କ ଠାରୁ ପ୍ରକାଶ । ବିଦ୍ୟୁତ୍ ଚୋରୀ ରୋକିବା ଆଳରେ ଝାଡପୋଖରିଆ ଅଂଚଳରେ ଥିବା ଅନ୍ୟ ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକ ଉପରେ ନେସ୍କୋ ତରଫରୁ ବାରମ୍ବାର ଚଢଉ କରାଯାଉଥିବାବେଳେ ସଂପୃକ୍ତ ଗ୍ୟାରେଜ୍ ଉପରେ କେବେ ହେଲେ କୌଣସି ଚେକିଙ୍ଗ୍ ହୋଇନଥିବାର ମଧ ଅଭିଯୋଗ ହେଉଛି । ପରବର୍ତୀ ସମୟରେ ସ୍ଥାନୀୟ ଅଂଚଳର ବାସିନ୍ଦା ଏବଂ ବ୍ୟବସାୟୀଙ୍କ ତରଫରୁ ବାରିପଦାରେ କର୍ଯ୍ୟ କରୁଥିବା ନେସ୍କୋ ସଂସ୍ଥାର ସୁପରିଟେଂଡିଙ୍ଗ୍ ଇଂଜିନିୟର ଏବଂ ଏକ୍‌ଜୁକୁଟିଭ୍ ଇଂଜିନିୟରଙ୍କ ପାଖରେ ଅଭିଯୋଗ କରାଯିବାର ମଧ ସୂଚନା ମିଳିଛି ।



### ସମ୍ବର୍ଦ୍ଧନା ସଭାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ

# ୧୨୦ + ଲକ୍ଷ୍ୟ ହାସଲ କରିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବ ବିଜେପି : ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,୮।୬(ନିପ୍ର):** ରାଜନୈତିକ କାର୍ଯ୍ୟକର୍ତା ଯେତେବେଳେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ନିଜ ବିଚାରଧାରା ଅନୁଯାୟୀ ଅକ୍ତିଆର ନକରିପାରେ, ସେ ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବା ଦରକାର । ୧୨୦ + ମିଶନ ସେହି ପର୍ଯ୍ୟନ୍ତ ଅଛି, ଯେ ପର୍ଯ୍ୟନ୍ତ ଏହି ଲକ୍ଷ୍ୟ ଭାରତୀୟ ଜନତା ପାର୍ଟିର ପୂରଣ ହୋଇନାହିଁ ଏବଂ ବିଜେପି ଏହି ଦାୟିତ୍ୱରୁ ମୁକ୍ତି ହୋଇପାରିବ ନାହିଁ ବୋଲି ଭୁବନେଶ୍ୱର ଠାରେ ଆୟୋଜିତ ବିଜେପିର ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ ହେବା ଅବସରରେ କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୧୪ରେ ଦେଶରେ ମୋଦିଙ୍କ ନାଁରେ ବଡ ଆସ୍ଥା ତିଆରି ହୋଇପାରିନଥିଲେ ମଧ୍ୟ ଓଡିଶାରେ ବିଜେପି ଆପେକ୍ଷିତ ଫଳ ହାସଲ କରିପାରିନଥିଲା । ମାତ୍ର ମହାପ୍ରଭୁଙ୍କ ଆଶୀର୍ବାଦ କାରଣରୁ ଆଜି ବିଜେପି ରାଜ୍ୟ ବିଧାନସଭାରେ ବିରୋଧୀ ଦଳ ଭାବେ ଉଭା ହୋଇପାରିଛି । ଓଡିଶାରେ ପ୍ରଥମ ଥର ପାଇଁ ପାଖାପାଖି ୧ କୋଟି



ଲୋକ ନରେନ୍ଦ୍ର ମୋଦିଙ୍କ ଉପରେ ଭରସା କରି ବିଜେପିର ୮ ଜଣଙ୍କୁ ସାଂସଦ ଭାବେ ଦିଲ୍ଲୀ ପଠାଇଛନ୍ତି । ୨୧ରୁ ୨୧ ଲୋକସଭା ଆସନ ଜିତିବା ନେଇ ଦମ୍ଭୋକ୍ତି ଦେଖାଉଥିବା ଲୋକମାନଙ୍କୁ ଓଡିଆ ଲୋକମାନେ ଏଥର ଜବାବ ଦେଇଛନ୍ତି ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ନରେନ୍ଦ୍ର ମୋଦିଙ୍କ ସରକାରର ଦ୍ୱିତୀୟ ଶପଥ ପାଠ ଉତ୍ସବରେ ମୋଦିଙ୍କ ପରେ ଗରିବ ଘରର ଓଡିଆ ପୁଅ ପ୍ରତାପ ଷଡଙ୍ଗୀଙ୍କ ସମୟରେ ସବୁଠୁ ଅଧିକ ତାଳି ବାଜିଥିଲା । ତେବେ ଏହା କେବଳ ଶ୍ରୀ ଷଡଙ୍ଗୀଙ୍କ ସମ୍ମାନର କଥା ନୁହେଁ । ପ୍ରତାପ ନନାଙ୍କ ମାଧ୍ୟମରେ ନରେନ୍ଦ୍ର ମୋଦି ସାଢେ ୪ କୋଟି ଓଡିଆ ଲୋକଙ୍କ ସମ୍ମାନ କଲେ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡିଶାରେ ବାତ୍ୟା ପୂର୍ବରୁ ୩୪୧ କୋଟି ଟଙ୍କା ଏବଂ ବାତ୍ୟାର ଦାବି ପୂବରୁ ୧ ହଜାର କୋଟି ଟଙ୍କା ସହ ଓଡିଶାର ପୁନର୍ନିର୍ମାଣ ପାଇଁ ଯାହା ଆବଶ୍ୟକତା ପଡିବ ମୋଦିଙ୍କ କେନ୍ଦ୍ର ସରକାର ଆଗଭର ରହିବ, ଏହା କେବଳ ବକ୍ତବ୍ୟ ନଥିଲା । ଏହାକୁ କ୍ରିୟାନ୍ୱୟନ କରିବା କାମକୁ ସାକାର କରାଯାଇଥିଲା । ସେଭଳି ନେତାର ନାମ ହେଲା ନରେନ୍ଦ୍ର ମୋଦି । ସେହିଭଳି ଯେ ପର୍ଯ୍ୟନ୍ତ ପୂର୍ବ ଭାରତ ବିକଶିତ ହୋଇନାହିଁ ସେ ପର୍ଯ୍ୟନ୍ତ ସାରା ଭାରତ ବିକଶିତ ହୋଇପାରିବନି ବୋଲି ସ୍ଲୋଗାନ କେବଳ ଭାଷଣବାଜୀରେ ସୀମିତ ରହିନଥିଲା । ଏଥିପାଇଁ ଅନେକ କାର୍ଯ୍ୟକ୍ରମ ଓ ଯୋଜନା କରାଯାଇଥିଲା । ଏହି ପୂର୍ବ ଭାରତର ବିକାଶର କେନ୍ଦ୍ରବିନ୍ଦୁ ମଧ୍ୟରେ ସବୁଠାରୁ ଓଡିଶା ଆଗରେ ଥିଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାର ଗରିବ ଲୋକଙ୍କ ପ୍ରତି ଥିବା ନରେନ୍ଦ୍ର ମୋଦିଙ୍କ ଦାୟିତ୍ୱକୁ ଏଠାକାର ବିରୋଧୀ ଦଳ ପୂରଣ କରିବ । ସେହିପରି ଓଡିଆ ଲୋକଙ୍କ ହିତ ସମ୍ପର୍କରେ ୮ ସାଂସଦ ଓ ରାଜ୍ୟସଭା ସାଂସଦ ସଂସଦରେ ସତର୍କ ଦୃଷ୍ଟି ରଖିବେ । ଆଜି ଭାରତର ଗରିବ ଲୋକଙ୍କ ଆଶୀର୍ବାଦ କାରଣରୁ ବିଜେପି ୩୦୩କୁ ଛୁଇଁପାରିଛି । ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ପ୍ରତି ଥିବା ଜନଆସ୍ଥା ବିଶ୍ୱସ୍ଥାପିତ ହୋଇପାରିଛି ।ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଶୌଚାଳୟ ନିର୍ମାଣ, ୪ କୋଟି ଲୋକଙ୍କ ଘରେ ବିଦ୍ୟୁତ ପହଁଚାଇବାର ଦାୟିତ୍ୱ ନରେନ୍ଦ୍ର ମୋଦି ନେଇଥିବାର ସ୍ପଷ୍ଟ ପ୍ରତିଫଳିତ ଚଳିତ ନିର୍ବାଚନ ଫଳାଫଳରେ ଦେଖାଯାଇଛି । ମାଲକାନଗିରି, ମୟୂରଭଞ୍ଜ ଭଳି ଆଦିବାସୀ, ଦଳିତ ଓ ପଛୁଆ ବର୍ଗର ଲୋକମାନେ ନରେନ୍ଦ୍ର ମୋଦିଙ୍କୁ ଭରସା କରି ବିଜେପିକୁ ଭୋଟ ଦେଇଛନ୍ତି । ଓଡିଶାରେ ବିଜୁ ଜନତା ଦଳ ସରକାର ଗଢିଥିବାରୁ ବିଜେଡି ତଥା ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସମସ୍ତ ପ୍ରକାର ସହଯୋଗ ରହିବ । କେନ୍ଦ୍ର ହେଉ କିମ୍ବା ରାଜ୍ୟ ଓଡିଆ ଲୋକଙ୍କ କଲ୍ୟାଣ ସମସ୍ତଙ୍କ ଅଗ୍ରଭାଗରେ ରହିବା ଦରକାର ଏବଂ ଏହା ସମସ୍ତଙ୍କ ଦାୟିତ୍ୱରେ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଢେଙ୍କାନାଳ ନୂତନ ବସ୍ ଷ୍ଟାଣ୍ଡ ପାଚେରୀ ଭାଙ୍ଗିଲା ପ୍ରଶାସନ

ଢେଙ୍କାନାଳ,୮।୬(ନି.ପ୍ର): ଢେଙ୍କାନାଳ ସଦର ମହକୁମା ସ୍ଥିତ ମହିଁଷାପାଟ ଠାରେ ପ୍ରସ୍ତାବିତ ନୂତନ ବସ୍ ଷ୍ଟାଣ୍ଡ ନିକଟର ଏକ ଜମିରେ ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓ.ଏସ୍.ଆର୍.ଟି.ସି) ପକ୍ଷରୁ ନିର୍ମାଣ କରା ଯାଇଥିବା ପାଚେରୀକୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜେସିବି ଦ୍ୱାରା ଢେଙ୍କାନାଳ ତହସିଲଦାର ଭାଙ୍ଗି ଦେଇଛନ୍ତି । ଗମନା ଗମନର ଉନ୍ନତି ପାଇଁ ଗତ ୨୦୦୦ ମସିହାରେ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ପବ୍ଲିକ ପ୍ରାଇଭେଟ୍ ପାର୍ଟନରସିପ୍ (ପି.ପି.ପି) ମୋଡ୍‌ରେ ନିର୍ମାଣ ହେବ ବୋଲି ଢେଙ୍କାନାଳ ଆଂଚଳିକ ଉନ୍ନୟନ ସଂସ୍ଥା (ଡ୍ରିଟ୍) ପକ୍ଷରୁ ସୂଚନା ଦିଆ ଯାଇଥିଲା । ମାତ୍ର ନିର୍ମାଣକାରୀ ଠିକା ସଂସ୍ଥା ଏବଂ ଡ୍ରିଟ୍ ଅଧିକାରୀଙ୍କ ମଧ୍ୟରେ ସେହି ଜାଗାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାରୁ ଓଡିଶା ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର୍ ଯୋଗୁଁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା । ଏହାପରେ ସେହି ପଡିଆର ୫ ଏକର ଜାଗାକୁ ନେଇ ଓ.ଏସ୍.ଆର୍.ଟି.ସି ପକ୍ଷରୁ ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ କରିବା ସହିତ ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ରେକର୍ଡ ଭୁକ୍ତ ନ ଥିବା ଜମିରେ ଓ.ଏସ.ଆର୍.ଟି.ସି ଅଧିକାରୀ ପାଚେରୀ ନିର୍ମାଣ କରୁଥିଲେ । ଏହି ଘଟଣା ଜଣା ପଡିବାରୁ ଜିଲ୍ଲାପାଳ ନିଖିଲ୍ ପୱନ କଲ୍ୟାଣଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ତହସିଲଦାର ଉଦୟ ନାଥ ମହାପାତ୍ର ସଦଳବଳେ ପହଁଚି ପୋଲିସ୍ ଉପସ୍ଥିତିରେ ଜେସିବି ଲଗାଇ ସେହି ନିର୍ମାଣାଧିନ ପାଚେରୀକୁ ଭାଙ୍ଗି ଦେଇଛନ୍ତି । ବସ୍ ଷ୍ଟାଣ୍ଡ ନିର୍ମାଣ ପାଇଁ ଓ.ଏସ୍.ଆର.ଟି.ସି ଅଧିକାରୀଙ୍କ ଦ୍ୱାରା ଚିହ୍ନଟ ଜାଗାକୁ ବିଧିବଦ୍ଧ ଭାବେ ରେକର୍ଡ ଭୁକ୍ତ କରା ଯାଇନାହିଁ ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ବିଭାଗ ପକ୍ଷରୁ ଅନୁମତି ପାଇଁ ଆବେଦନ କରାଯାଇ ନ ଥିବା ଯୋଗୁଁ ବେ-ଆଇନ ପାଚେରୀ ନିର୍ମାଣକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଭାଙ୍ଗି ଦିଆଗଲା ବୋଲି ସଦର ତହସିଲଦାର ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

# ପିଠା କାର୍ଯ୍ୟକ୍ରମରେ କୋଇଲିପୁର ପଞ୍ଚାୟତ ପୁରସ୍କୃତ



**ରାଜନଗର,୮।୬(ନିପ୍ର):** ରାଜନଗର ବ୍ଲକ କୋଇଲିପୁର ପଚାଂୟତ ପିଠା କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ହୋଇ ସରକାରଙ୍କ ପକ୍ଷରୁ ପୁରସ୍କୃତ ପାଇଁ ମନୋନୀତ ହୋଇଛି । ସ୍ଥାନୀୟ ସରଂପଚ ରଶ୍ମିତା ପ୍ରତିହାରୀଙ୍କ ନେତୃତ୍ୱରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ପିଠା କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦାନ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା ।

### ରାଜ୍ୟ ବିଜେପିର ସମସ୍ତ ନବ ନିର୍ବାଚିତ ସାଂସଦ ଓ ବିଧାୟକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ଗରିବ ଲୋକଙ୍କ ପ୍ରତି ଥିବା ଦାୟିତ୍ୱକୁ ରାଜ୍ୟରେ ବିରୋଧୀ ଦଳ ଓ ଦୁଇ କେନ୍ଦ୍ରମନ୍ତ୍ରୀ ପୂରଣ କରିବେ : ବିଜେପି

ଭୁବନେଶ୍ୱର,୮/୦୬(ନିପ୍ର): ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିବା ବିଜେପି ଦଳର ସମସ୍ତ ବିଧାୟକ ଏବଂ ସାଂସଦ ଏବଂ କେନ୍ଦ୍ରରେ ମନ୍ତ୍ରୀ ହୋଇଥିବା ଦୁଇ ଓଡିଆ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଏହି ସ୍ୱାଗତ ସଭାରେ ଦଳର ପ୍ରମୁଖ ନେତୃବୃନ୍ଦ ମାନେ ନବ ନିର୍ବାଚିତ ସାଂସଦ ଓ ବିଧାୟକ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ରାଜନୈତିକ କାର୍ଯ୍ୟକର୍ତାମାନେ ଯେତେବେଳେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ନିଜ ବିଚାର ଧାରା ଅନୁଯାୟୀ ଅକ୍ତିଆର ନକରିପାରେ, ସେ ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖିବା ଦରକାର । ୧୨୦ + ମିଶନ ସେହି ପର୍ଯ୍ୟନ୍ତ ଅଛି, ଯେ ପର୍ଯ୍ୟନ୍ତ ଏହି ଲକ୍ଷ୍ୟ ଭାରତୀୟ ଜନତା ପାର୍ଟିର ପୂରଣ ହୋଇନାହିଁ ଏବଂ ବିଜେପି ଏହି ଦାୟିତ୍ୱରୁ ମୁକ୍ତି ହୋଇପାରିବ ନାହିଁ ବୋଲି ଭୁବନେଶ୍ୱର ଠାରେ ଆୟୋଜିତ ବିଜେପିର ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ ହେବା ଅବସରରେ କହିଛନ୍ତି କେନ୍ଦ୍ର



ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗଣତନ୍ତ୍ରରେ ଜନତାର ପୂଜା ନେତା କରିବା ଉଚିତ୍ । ଅକ୍ଳାନ୍ତ ପରିଶ୍ରମ କରିଥିବା କାର୍ଯ୍ୟକର୍ତାଙ୍କ ପାଇଁ ବିଜେପିର ଏହି ବିଜୟ ସମ୍ଭବ ହୋଇଛି । ବ୍ୟକ୍ତିଗତ ଉଦ୍ୟମରେ କେହି ସଫଳ ନେତା ହୋଇପାରିବେ ନାହିଁ । ମନ୍ତ୍ରୀ ହେବା ପରେ ଦାୟୀତ୍ୱବୋଧ ବଢିଛି ଏବଂ ଏହି ଦାୟୀତ୍ୱକୁ ସୁଚାରୁରୂପେ ତୁଲାଇବେ ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନୂଆ ମନ୍ତ୍ରିମଣ୍ଡଳ ଗଠନ ହୋଇଛି ଏବଂ ୨ ଜଣ ଓଡିଆଙ୍କୁ ମନ୍ତ୍ରୀ ପଦ ମିଳିଛି । କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ଏମଏସଏମଇ ଓ ମତ୍ସ୍ୟ ପଶୁସଂପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗି ଦେଶ ସହ ରାଜ୍ୟର ବିକାଶ କରିବେ ବୋଲି ବରିଷ୍ଠ ନେତା ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି । ଓଡିଶାର ମାନ ସମ୍ମାନ, ଇଜ୍ଜତକୁ ରକ୍ଷା କରିବା ପାଇଁ ବିଜେପି ତାର ଲଢେଇ ଜାରି ରଖିବ ବୋଲି କହିଛନ୍ତି ଦଳର ବରିଷ୍ଠ ନେତା ବିଶ୍ୱ ଭୁଷଣ ହରିଚନ୍ଦନ । ଗତ ୨୦୧୪ ନିର୍ବାଚନରେ ବିଜେପି ଦଳକୁ ୫୦ ଲକ୍ଷ ଭୋଟ ମିଳିଥିଲା । ଏବେ ଏହା ବୃଦ୍ଧି ପାଇ ୯୧ ଲକ୍ଷରେ ପହଂଚିଛି । ଓଡିଶା ବାସୀ ବିଜେପିକୁ ଆର୍ଶୀବାଦ ଦେଇଛନ୍ତି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ପୂରଣ କରି ରାଜ୍ୟରେ ବିଜେପିକୁ ଏକ ନମ୍ବର ଦଳରେ ପରିଣତ କରାଯିବ ବୋଲି ରାଜ୍ୟ ସଭାପତି ତଥା କଳାହାଣ୍ଡି ସାଂସଦ ଶ୍ରୀ ବସନ୍ତ ପଣ୍ଡା କହିଛନ୍ତି । ରାଜ୍ୟ ପ୍ରଭାରି ଶ୍ରୀ ଅରୁଣ ସିଂହ ସମସ୍ତ ସାଂସଦ ଏବଂ ବିଧାୟକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଜେପି କାର୍ଯ୍ୟକର୍ତାମାନେ ବର୍ଷ ବର୍ଷ ଧରି କାର୍ଯ୍ୟ କରିବା ଦ୍ୱାରା ଆଜି ବିଜେପି ଏହି ସ୍ଥାନରେ ପହଂଚିଛି । ବିରୋଧୀ ଦଳର ସ୍ଥାନ ପାଇଥିବାରୁ ସମସ୍ତ କାର୍ଯ୍ୟକର୍ତାଙ୍କୁ ଶ୍ରୀ ସିଂହ ଅଭିନନ୍ଦନ ଜଣାଇଛନ୍ତି । ରାଜ୍ୟ ସଭାପତି ଏବଂ କଳାହାଣ୍ଡି ସାଂସଦ ଶ୍ରୀ ବସନ୍ତ ପଣ୍ଡା, ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଶ୍ରୀ ପ୍ରତାପ ଷଡଙ୍ଗୀ, ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂହ, ରାଷ୍ଟ୍ରୀୟ ପ୍ରବକ୍ତା ଡ.ସମ୍ବିତ ପାତ୍ର, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ, ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, କନକ ବର୍ଦ୍ଧନ ସିଂହଦେଓ, ବିଜୟ ମହାପାତ୍ର, ଡା.ଦାମୋଦର ରାଉତ, ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ଶ୍ରୀମତୀ ସୁରମା ପାଢୀ, ରାଜ୍ୟ ଉପ ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ନବନିର୍ବାଚିତ ସାଂସଦ ଏବଂ ବିଧାୟକମାନଙ୍କ ସହ ସମସ୍ତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତିମାନେ ଉପସ୍ଥିତ ଥିଲେ ।

# କପିଳାସ ଜୁ ରେ ଆଉ ଏକ ଅତିଥି ହାତୀ ହିରୋ ସାମିଲ

ଢେଙ୍କାନାଳ,୮।୬(ନି.ପ୍ର): ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ କପିଳାସ ରେଞ୍ଜର କପିଳାସ ଜୁରେ ପୂର୍ବରୁ କାର୍ତିକ, ଉମା ଏବଂ ଚନ୍ଦୁ ନାମକ ହାତୀ ଶାବକ ଥିବା ବେଳେ ଆଜି ଦେବଗଡ ଜିଲ୍ଲାରୁ ଆଉ ଏକ ଅତିଥି ହାତୀ ହିରୋ ଆସି ସେମାନଙ୍କ ସହିତ ସାମିଲ ହୋଇଛି । ସମ୍ବଲପୁର-ଦେବଗଡ ଜିଲ୍ଲା ମଧ୍ୟସ୍ଥଳ ବାମରା ବନଖଣ୍ଡ ଅଂଚଳରେ ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଏକ ମାଇହାତୀର ମୃତ୍ୟୁ ପରେ ପାଖରେ ଥିବା ପ୍ରାୟ ଦେଢ ବର୍ଷର ହାତୀ ଶାବକକୁ ସୁରକ୍ଷା ଦୃଷ୍ଟିରୁ ତାକୁ ଢେଙ୍କାନାଳ ଅଣାଯାଇ କପିଳାସ ଜୁରେ ଛାଡି ଦିଆଯାଇଛି । ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ସେହି ମାଇହାତୀର ମୃତ୍ୟୁ ପରେ ପାଖରେ ଥିବା ହାତୀ ଶାବକର ସୁରକ୍ଷାକୁ ଦୃଷ୍ଟିରେ ରଖି ଜଙ୍ଗଲରେ ଛାଡିଦେବା ବଦଳରେ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇ ତାର ଲାଳନ ପାଳନ କରିବା ପାଇଁ ସ୍ଥିର କରା ଯାଇଥିଲା । ଏହାପରେ ଏକ ସ୍ୱତନ୍ତ୍ର ମିନି ଟ୍ରକରେ ସେଠାରୁ ହାତୀ ଶାବକକୁ ଅଣା ଯାଇଥିଲା ଏବଂ ବନ ବିଭାଗ କର୍ମଚାରୀ ମାନେ ତାର ନାମ ହିରୋ ରଖିଛନ୍ତି ବୋଲି ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର ସୂଚନା ଦେଇଛନ୍ତି । ପୂର୍ବରୁ ସେହି ସେଣ୍ଟରରେ ରହିଥିବା ୩ ହାତୀଙ୍କ ସହିତ ନୂତନ ଅତିଥି ହାତୀ ହିରୋ ସାମିଲ୍ ହୋଇଥିବାରୁ ଏହା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

# 'ଫାମାସ'ର ୪ ଦିନିଆ ଟେରାକୋଟା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବାଲେଶ୍ୱର,୮।୬(ନିପ୍ର): ସାମାଜିକ ଅନୁଷ୍ଠାନ 'ଫାମାସ' ପକ୍ଷରୁ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଟେରାକୋଟା ପ୍ରଶିକ୍ଷଣ ଶିବିର ଆଜି ଶେଷ ହୋଇଯାଇଛି । ବାଲେଶ୍ୱର ସହରର ଷ୍ଟେସନ ରୋଡ୍‌ସ୍ଥିତ ଝାଡେଶ୍ୱର ଇଂଟରନ୍ୟାସନାଲ ସ୍କୁଲ ପରିସରରେ ଆୟୋଜିତ ଏହି ୪ ଦିନିଆ ଶିବିରରେ ୧୫୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସାମାଜିକ ଅନୁଷ୍ଠାନ'ଫାମାସ' ପକ୍ଷରୁ ଆରମ୍ଭ ହୋଇଥିବା ଏହି ଟେରାକୋଟା ପ୍ରଶିକ୍ଷଣ ଶିବିରର ଥିଲା ଅନ୍ତିମ ଦିବସ । ଏହି ଅବସରରେ ଆୟୋଜିତ କର୍ମଶାଳା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ରବିନାରାୟଣ ମିଶ୍ର ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାନ୍ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଟେରାକୋଟା ପ୍ରଶିକ୍ଷଣ ଶିବିର ଛାତ୍ରଛାତ୍ରୀଙ୍କ ପାଇଁ ଗୁରୁତ୍ୱ ବହନ କରିଛି ଏବଂ ସେମାନଙ୍କ ଭିତରେ ଥିବା ଲୁକାୟିତ ପ୍ରତିଭା ଓ ସୃଜନଶୀଳତାର ବିକାଶରେ ଏହି ଶିବିର ସହାୟକ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ତେବେ ଏନେଇ ସବୁ ମହଲରୁ ଛାତ୍ରଛାତ୍ରୀଙ୍କୁ ଅଧିକ ପ୍ରେରଣା ପ୍ରଦାନର ଆବଶ୍ୟକତା ରହିଛି ବୋଲି ଗୁରୁ ମହାରାଜ କହିଥିଲେ । ସମାଜସେବୀ ଅନସୂୟା ନାୟକ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଲୁପ୍ତ କଳାର ପୁନରୁଦ୍ଧାର ଦିଗରେ ଫାମାସ୍‌ର ଏହି ନିଆରା ପ୍ରୟାସକୁ ଭୁୟସୀ ପ୍ରଶଂସା କରିଥିଲେ । ଉତ୍କଳୀୟ ପରମ୍ପରାରେ ଟେରାକୋଟା କଳା ଅନେକ ଗୁରୁତ୍ୱ ବହନ କରି ଆସିଛି । ଏହି ଶିବିର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରାଚୀନ ଟେରାକୋଟା କଳା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରିଛି ବୋଲି ଶ୍ରୀମତୀ ନାୟକ କହିଥିଲେ । ଡାକ୍ତର ଶାନ୍ତନୁ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ଫାମାସର ସମ୍ପାଦକ ଦିଲ୍ଲୀପ କୁମାର ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଟେରାକୋଟା ପ୍ରଶିକ୍ଷକ ଅଲେଖ କୁମାର ସାହୁ, ସୁରେଶ ଉପଧ୍ୟାୟ, ଅଧିପ କୁମାର ଜେନା, ଅବନୀ ଜେନା, ପୂର୍ଣ୍ଣେନ୍ଦୁ ମହାନ୍ତି, ସନ୍ତୋଷ କୁମାର ଦାସ, ନିଶିଥ୍ କୁମାର ବାରିକ, ତାପସ ସାହୁ, ନୀଳାଦ୍ରୀ ଶତପଥୀ, ଶିରିଶ ପାତ୍ର, ପ୍ରଦୀପ ପତି, ଶିଳ୍ପି ପ୍ରତାପ ରାଉତ, ସନତନ ରାଉତ, ବିଷ୍ଣୁମୋହନ ଦାସ, ବିଜୟ ଦାସ, ପ୍ରଦୀପ ଶତପଥୀ, ନାରାୟଣ ପ୍ରଧାନ, ମହେଶ ରଥ ପ୍ରମୁଖ ଯୋଗ ଦେଇ ଟେରାକୋଟା ପ୍ରଶିକ୍ଷଣ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଠାରୁ ପ୍ରଶିକ୍ଷଣ ଲାଭ କରି ଶିବିରାର୍ଥୀମାନେ ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର ସହ ଗୌରବ ଅର୍ଜନ କରିପାରିଛନ୍ତି ବୋଲି କର୍ମକର୍ତ୍ତାମାନେ କହିଥିଲେ ।

### ଜାତୀୟ ମାନବାଧିକାର ଆୟୋଗ ସ୍ୱତନ୍ତ୍ର ପ୍ରତିନିଧିଙ୍କ ତିହିଡ଼ିର ବିଭିନ୍ନ ନଦୀପାର୍ଶ୍ୱ ଅଞ୍ଚଳ ଗସ୍ତ

# ନଦୀବନ୍ଧ, ସ୍ଲୁଇସ ଗେଟ୍ ଆଦି ତୁରନ୍ତ ନିର୍ମାଣ ଓ କ୍ଷତିପୂରଣ ପ୍ରଦାନ ଉପରେ ଗୁରୁତ୍ୱ

ତିହିଡ଼ି,୮।୬(ନିପ୍ର): ଜାତୀୟ ମାନବାଧିକାର ଆୟୋଗ ସ୍ୱତନ୍ତ୍ର ପ୍ରତିନିଧି ବିଭୂତି ଭୂଷଣ ମିଶ୍ର ଆଜି ପୂର୍ବାହ୍ନରେ ତିହିଡ଼ି ବ୍ଲକର ବିଭିନ୍ନ ନଦୀ ପାର୍ଶ୍ୱ ଅଞ୍ଚଳ ଗସ୍ତ କରି ନଦୀ ଦ୍ୱାରା ପ୍ରଭାବିତ ବିଭିନ୍ନ ପ୍ରସଙ୍ଗ ଉପରେ ଦୃଷ୍ଟିପାତ କରିଥିବା ଜଣାଯାଇଛି । ମାନବାଧିକାର କର୍ମୀ ଆଡ୍‌ଭୋକେଟ ରାଧାକାନ୍ତ ତ୍ରିପାଠୀ, ଜିଲା ଭୂ ଅଧିଗ୍ରହଣ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଭଦ୍ରକ ଡ୍ରେନେଜ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ପରମେଶ୍ୱର ପାତ୍ର, ସମାଜସେବୀ କାଳିନ୍ଦୀ ମଲିକ ପ୍ରମୁଖ ତାଙ୍କ ସହ ଉପସ୍ଥିତ ରହିଥିଲେ । ସେ ତିହିଡ଼ିର ଓରାଳି, ହଟନଗର, ବୋଡ଼କ, ସାନଓରାଳି, ବାହାରବିଲ, ବିଲଣା ଆଦି ଅଞ୍ଚଳ ଗସ୍ତ କରି ସାଳନ୍ଦୀ, ରେବ, କପାଳି, ନାଳିଆ, ଗେଙ୍ଗୁଟି ଆଦି ନଦୀ, ଆଡ଼ିବନ୍ଧ ବୁଲିଦେଖିଥିଲେ । ହଟନଗର ଠାରେ ରେବ ନଦୀ କୂଳରେ ଯେଉଁ ମାଟିବନ୍ଧ ଦିଆଯାଇଥିଲା, ତାହା ବନ୍ୟାରେ ସଂପୂର୍ଣ୍ଣ ଧୋଇଯାଇଛି । ଏହାକୁ କଂକ୍ରିଟ କରି ନଦୀର ସ୍ରୋତକୁ କମାରଜୋର ନଦୀ ମାଧ୍ୟମ ଦେଇ ପ୍ରବାହିତ କରିବାକୁ ବୋଡ଼କ ସରପଞ୍ଚ



ଶଶଧର ସାମଲ, ଜୟପ୍ରକାଶ ମଲିକ, ଆଲୋକ କୁମାର ମଲିକ, ଭାଗବତ ପଲେଇ, ନିରଂଜନ ବେହେରା, ବିଦ୍ୟୁତଭୂଷଣ ବେହେରା ପ୍ରମୁଖ ଗ୍ରାମବାସୀମାନେ ଅନୁରୋଧ କରିଥିଲେ । ସୂଚନା ଯୋଗ୍ୟ, ନଦୀର ପାର୍ଶ୍ୱ ଖାଇଯାଉଥିବା ଦୃଷ୍ଟିରୁ ଓରାଳି ଓ ହଟନଗର ଗ୍ରାମର ପ୍ରାୟ ୧୦ ଗୋଟି ପରିବାରର ଘର ଓ ଜାଗା ନଦୀଗର୍ଭରେ ଲିନ ହୋଇଗଲାଣି । ସୁରକ୍ଷା ଦେବାପାଇଁ ଓରାଳିରୁ ହଟନଗର ପର୍ଯ୍ୟନ୍ତ ଏକ ଏମ୍ବାକ୍‌ମେଣ୍ଟ ନିର୍ମାଣ ପାଇଁ ପ୍ରସ୍ତାବ ସରକାରଙ୍କୁ ଦିଆଯାଇଥିବା ନେଇ ଆୟୋଗର ସ୍ୱତନ୍ତ୍ର ପ୍ରତିନିଧିଙ୍କୁ ବିଭାଗୀୟ ଅଧିକାରୀ ଅବଗତ କରିଥିଲେ । ସେହିପରି ଯେଉଁମାନେ କ୍ଷତିପୂରଣ ପାଇନାହାନ୍ତି ସେମାନଙ୍କୁ ତୁରନ୍ତ ତାହା ଦେବାକୁ ସେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ପରେ ଭଦ୍ରକ ଠାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକରେ ଯୋଗଦେଇ ଏହିସବୁ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ମାନବାଧିକର କର୍ମୀ ଆଡ୍‌ଭୋକେଟ ରାଧାକାନ୍ତ ତ୍ରିପାଠୀ ୨୦୦୮-୦୯ ଓ ୨୦୦୯-୧୦ରେ ମାନବାଧିକାର ଆୟୋଗଙ୍କ ନିକଟରେ ପୃଥକ ପୃଥକ ଦୁଇଗୋଟି ମାମଲା ୫୩/୧୮/୧୮/୦୮-୦୯ ଓ ୪୩୯/୧୮/୧୮/୦୯-୦୧ ରୁଜୁ କରିଥିଲେ । ଫଳରେ ତତ୍କାଳୀନ ମାନବାଧିକାର ଆୟୋଗଙ୍କ ସ୍ୱତନ୍ତ୍ର ପ୍ରତିନିଧି ଦାମୋଦର ଷଢ଼ଙ୍ଗୀ ତିହିଡ଼ିକୁ ଦୁଇଥର ଗସ୍ତ କରିଥିଲେ । ପ୍ରଥମ ମାମଲାରେ ପ୍ରଭାବିତ ୪୫୯୦ ପରିବାରକୁ ୩୬ କୋଟି ଓ ବିସ୍ଥାପିତ ୧୨୩ ପରିବାରକୁ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି । ସେହିପରି ନଦୀ ସଂସ୍କାର ସମୟରେ ୯ ହଜାର ଗଛ କଟାଯାଇଥିବା ବେଳେ ଚାରା ରୋପଣ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ପାରିବାରିକ ସମସ୍ୟା କାରଣରୁ ୪ କୋଟି ଟଙ୍କା ପଡ଼ିରହିଛି । ଅପରପକ୍ଷରେ ରେବ-କପାଳି ନଦୀ ମାମଲାରେ ୪୭ ଗ୍ରାମର ୭୯୩ ଜଣଙ୍କୁ ସାଢ଼େ ୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ଆହୁରି ୨୧ ଗୋଟି ଗ୍ରାମର ଜମି ଅଧିଗ୍ରହଣ ପାଇଁ ୧୧ ଧାରା ପାଇଁ ଅଧିସୂଚନା ଗତକାଲି ପ୍ରକାଶ ପାଇଛି । ଆସନ୍ତା ୧ ବର୍ଷ ମଧ୍ୟରେ ଏହି ୨୧ ଗୋଟି ଗ୍ରାମର ଲୋକଙ୍କୁ କ୍ଷତିପୂରଣ ମିଳିଯିବ ବୋଲି ସୂଚନା ମିଳିଛି ।

